
ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ପ୍ରସ୍ତୁତ ଯଜ୍ଞ ମଣ୍ଡପରେ ବ୍ରାହ୍ମଣମାନେ ମଣ୍ଡଳ କାଟୁଛନ୍ତି ।


ଯଜ୍ଞ କୁଣ୍ଡ ପାଖରେ ଜଣେ ସାଧୁ ।


ଶ୍ରୀ ମନ୍ଦିରରେ ଠାକୁରଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁମାନେ ଏସି ଶେଡ୍‌ରେ ବସିଛନ୍ତି ।


ଏ.ବି.କନଷ୍ଟ୍ରକଶନ ପକ୍ଷରୁ ପ୍ରଦତ୍ତ ବ୍ୟାଟେରି ଗାଡ଼ିକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ବିଧାୟକ ଜୟନ୍ତ ଷଡଙ୍ଗୀ ଶୁଭାରମ୍ଭ କରୁଛନ୍ତି ।



ପରିକ୍ରମା ପ୍ରକଳ୍ପ ଅବସରରେ ପ୍ରଦର୍ଶିତ ସାହିଯାତ ।


ବଡ଼ଦାଣ୍ଡରେ ପ୍ରସ୍ତୁତ ହୋଇଥିବା ଲାଇଟ ସାଉଣ୍ଡ ବ୍ୟବସ୍ଥା ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ

**ପୁରୀ,୧୪।୧(ଅଜିତ୍ ମହାନ୍ତି):**

ମକର ସଂକ୍ରାନ୍ତି ପୂର୍ବଦିନ ରବିବାର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବାଙ୍କ ବେଶ ସହ ଚାଉଳ ମେଳାଣ ଓ ଫୁଲ ମେଳାଣ ଉତ୍ସବ ସମ୍ପନ୍ନ ହୋଇଛି। ଖୁଣ୍ଟିଆ ଓ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ବେଶରେ ମାଳଚୂଳମାନ ଠାକୁରମାନଙ୍କୁ ଲାଗି କରିଥିଲେ। ବଡ଼ସିଂହାର ବେଶରେ ସୋଲ ଓ ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୁଷକ, କୁଣ୍ଡଳ, ତଡଗୀ ଇତ୍ୟାଦି ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଲାଗି କରାଯାଇଥିଲା। ଏହି ବେଶ ନବାଙ୍କ ବେଶ ରୂପେ ପରିଚିତ। ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ଚୈତନ୍ୟ ଦେବ। ସନ୍ଧ୍ୟା ଆଳତି ଧୂପ ଓ ଚନ୍ଦନ ଲାଗି ସରିବା ପରେ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧାଯାଇଥିଲା। ପର୍ବ ଯାତ୍ରା ଯୋଗାଣିଆ ସେବକ ୩ଟି ବାଉଁଶିଆରେ ଚାଉଳ ପୂରାଇ କୋଠ ସୁଆଁସିଆ ଦେଇଥିବା ଭଦ୍ରାସନ ଉପରେ ପୂଜାପଣ୍ଡା ମୁରୁଜ ପକାଇବା ପରେ ଚାଉଳ ବାଉଁଶିଆମାନ



ଏହା ଉପରେ ରଖି ଚେମେଡ଼ି, ପତନୀ, ପୁଷ୍ପ ଚନ୍ଦନ ଦେଇ ଅଧିବାସ ହୋଇଥିଲା। ପରେ ଭୋଗମଣ୍ଡପ ଗୃହକୁ ତଡାଉ ସେବକ ମୁଦ ଦେଇଥିଲେ। ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ନବାଙ୍କ ବେଶରେ ଠାକୁରମାନଙ୍କ ଶିରରୁ ରତ୍ନସିଂହାସନ ଚଟାଣ ପର୍ଯ୍ୟନ୍ତ ଗେଣ୍ଡୁଫୁଲ ମାଳରେ ସୁସଜ୍ଜିତ କରାଯାଇଥିଲା। ବଡ଼ସିଂହାର ବେଶରେ ଦେବତାମାନଙ୍କୁ ଅଳଙ୍କୃତ କରାଯାଉଥିବା ଚିତା, ଗୁଣା, କରପଲ୍ଲବ, ଅଧରମାଳା ଓ ଶ୍ରୀପୟର ମାଳା ମଧ୍ୟ ପ୍ରଧାନତଃ ଗେଣ୍ଡୁଫୁଲରେ ନିର୍ମିତ ହୋଇଥିଲା। ଗେଣ୍ଡୁ ଓ ଗୋଲାପ ଫୁଲର ସନ୍ମିଶ୍ରଣରେ ହୃଦ ପଦକରେ ନିର୍ମିତ ହୋଇଥିଲା। ଶିର ଭୂଷଣ ଓ ଟୋପରଗୁଡ଼ିକ ତୁଳସୀପତ୍ର ଦ୍ୱାରା ପ୍ରସ୍ତୁତ ହୋଇଥିଲା ଏବଂ ସେହି ଟୋପର ଉପରେ ଗେଣ୍ଡୁଫୁଲର ମାଳା ଗୁଡାଯାଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣଘରୁ ବିଜେ ହୋଇ ରତ୍ନସିଂହାସନକୁ ଆସିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳା ପାଇ ରତ୍ନସିଂହାସନକୁ ସାଢେ ଚାରିଥର ପ୍ରଦକ୍ଷଣ କରି ବଟମୂଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ଶ୍ରୀମନ୍ଦିର ଚାରିପାଖକୁ ସାଢେ ଚାରିଥର ପ୍ରଦକ୍ଷିଣ ପରେ ମହାଜନ ସେବାୟତ ମଦନମୋହନଙ୍କୁ ହାତରେ ବିଜେ କରାଇ ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ରହିଥିବା ବେଳେ ପ୍ରସାଦ ଲାଗି ବନ୍ଦାପନା ଆଦି ଅନୁଷ୍ଠିତ ହୋଇଥିଲା। ଏହାପରେ ମଦନମୋହନ ଦକ୍ଷିଣ ଘରକୁ ବାହୁଡା ବିଜେ କରିଥିଲେ।

# ହୁଳହୁଳି, ହରିବୋଲରେ କମ୍ପୁଛି ଗାଁ ଦାଣ୍ଡ

**ଗୋପ,୧୪।୧(ଭାରତୀ ଭୂଷଣ ଉପାଧ୍ୟାୟ):**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜୟ ଜଗନ୍ନାଥ ଅର୍ପଣ ରଥ ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତର ବିଭିନ୍ନ ଗାଁରେ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ବ୍ଲକର ବିଭିନ୍ନ ଗାଁ ଏବେ ହରିବୋଲ, ହୁଳହୁଳିରେ ପ୍ରକମ୍ପିତ ହେଉଛି। ବିଡିଓ ଛବିରାଣୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ଚାଲିଛି। ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହ ସମସ୍ତ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛନ୍ତି। ବ୍ଲକର ଏରବଙ୍ଗ, ଗୋପ, ଅଣ୍ଡରା-ଇଛାପୁର,



ମହଲପଡ଼ା, ବଉଳାଙ୍ଗ, ଇଷାଣପୁର ଆଦି ପଞ୍ଚାୟତରେ ଅର୍ପଣ ରଥ ବୁଲୁଛି। ପଞ୍ଚାୟତରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଉଥିବା ବେଳେ ଘରର କୁଳବଧୂ ଶ୍ରୀଜଗନ୍ନାଥଙ୍କ ରଥକୁ ପୂଜାର୍ଚ୍ଚନା କରିବା ସହ ଗୁଆ ଚାଉଳ ଦେଉଛନ୍ତି।

# ଶ୍ରୀମନ୍ଦିରକୁ ଫେରିଲେ ଲକ୍ଷ୍ମୀ ଠାକୁରାଣୀ

**ପୁରୀ,୧୪।୧(ଅଜିତ୍ ମହାନ୍ତି)**

ଏକମାସ ବାପଘରେ ବିତାଇ ଶ୍ରୀମନ୍ଦିରକୁ ଫେରିଛନ୍ତି ଲକ୍ଷ୍ମୀ ଠାକୁରାଣୀ। ସୋମବାର ମକର ସଂକ୍ରାନ୍ତି ଥିବାରୁ ରବିବାର ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରିଛି। ମହାପ୍ରଭୁଙ୍କ ପାଖରେ ପବିତ୍ର ମକରସଂକ୍ରାନ୍ତିରେ ମକର ଚାଉଳ ଓ ମକର ଚଉରାଶି ଭୋଗ ଲାଗି ହେବ। ଏହି ମକର ତାଡ଼ରେ ହିଁ ମକର ଚାଉଳ ଭୋଗ କରାଯିବ। ରବିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିପ୍ରହର ଧୂପ ବଢ଼ିଲା ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଓଳାର, କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡି ମନ୍ଦିରକୁ ବିଜେ କରିଥିଲା। ସେଠାରେ କୁମ୍ଭାକାର ସେବକମାନେ ମା'ଙ୍କ ନିକଟରେ ନୂଆ ତାଡ଼ ରଖିଥିଲେ। ପରେ ମା'ଙ୍କ ନିକଟରେ ବିଶେଷ ପୂଜା ଅନୁଷ୍ଠିତ ହେବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ଚାରିଜଣ କୁମ୍ଭାର ବିଶୋୟୀ ସେବକମାନେ ମୁହଁରେ ବାଘ ତୁଣ୍ଡି ବା ବାଘମୁହାଁ ବାନ୍ଧି ମା' ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଘଣ୍ଟ, ଓଳାର ( ଛତା), କାହାଳି ସହିତ ୫ଟି ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଇଥିଲେ। ମକର ତାଡ଼ ଶ୍ରୀମନ୍ଦିର ଭିତର ବେଢାରେ ଗୋଟିଏ ଥର ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହେରଣ ଠାରେ ରଖାଯାଇଛି। ମକର ସଂକ୍ରାନ୍ତି ଅବସରରେ ଉକ୍ତ ତାଡ଼ରେ ଶ୍ରୀବିଗ୍ରହମାନଙ୍କୁ ମକର ଚାଉଳ ଭୋଗ ମହୋଣି କରାଯିବ। ଅପରପକ୍ଷରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ପ୍ରତିବର୍ଷ ପରି ଚଳିତ ବର୍ଷ ମକରସଂକ୍ରାନ୍ତି ପୂର୍ବଦିନ ନୀଳଚକ୍ର ଅଁଳାବେଢାକୁ ଶ୍ରୀମନ୍ଦିରର ଚୂନରା ସେବକମାନେ ଚୂନରେ ରଙ୍ଗ କରିଛନ୍ତି। ସେହିଭଳି ମକର ସଂକ୍ରାନ୍ତି ରେ ପରମ୍ପରା ଅନୁଯାୟୀ ସୁନା ଗୋସେଇଁଙ୍କ ମଠରୁ ଗେରୁ ଚୂନରା ସେବାୟତଙ୍କୁ ଯୋଗାଇ ଦିଆଯିବ।

# ମକର ଭାର ସହ ବାହୁଡ଼ିଲେ ମହାଲକ୍ଷ୍ମୀ

**ସାକ୍ଷୀଗୋପାଳ,୧୪।୧**
**(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍):**

ପୁଷମାସ ଶେଷରେ ମହାଲକ୍ଷ୍ମୀ ବାପଘରୁ ସାଙ୍ଗରେ ମକର ଭାର ନେଇ ମନ୍ଦିରକୁ ଫେରିଛନ୍ତି। ପ୍ରତିବର୍ଷ ପରି ରବିବାର ମାସାନ୍ତ ଅପରାହ୍ନରେ ଦାସବିଦ୍ୟାଧରପୁର ପଞ୍ଚାୟତ ବସନ୍ତପୁର ଗ୍ରାମର ଦେବରାଜ ସାହୁଙ୍କ ଘରୁ ସାକ୍ଷୀଗୋପାଳ ମନ୍ଦିରକୁ ମକରଭାର ବାହାରିଥିଲା। ୨ଟି ଓଳିଆରେ ନୂଆ ଅରୁଆ ଚାଉଳ, ନଡ଼ିଆ, ପାଚିଲା କଦଳୀ, ଧନୁମୁଆଁ, ଫୁଲମାଳ ଏବଂ ଠାକୁରଙ୍କ ଲାଗି ନିମନ୍ତେ ନୂତନ ବସ୍ତ୍ର ସହ ମନ୍ଦିର ନିକଟସ୍ଥ ଦୋଳବେଦିରେ ପହଞ୍ଚିଥିଲେ। ମନ୍ଦିରରେ ଗୋଧନବାହୁଡ଼ା



ଭୋଗ ପରେ ସନ୍ଧ୍ୟାଧୂପ ବେଶ କରାଯାଇଥିଲା। ବିଜେ ପ୍ରତିମା ମଦନମୋହନ ଗରୁଡ଼ସ୍ତମ୍ଭ ନିକଟକୁ ବିଜେ କରିଥିଲେ। ଏହାପରେ ଛତି ତ୍ରାସ୍, ଘଣ୍ଟ, ବାଜା, ମହୁରୀ, ବିଜେ କାହାଳୀ ଓ ଛାମୁ ମଶାଲ ସହିତ ସେବାୟତ ଓ ମନ୍ଦିର କର୍ମଚାରୀ ମକର ଭାରୁଆଙ୍କ ସହ କୁଣିଆଙ୍କୁ ମନ୍ଦିରକୁ ପାଛୋଟି ଆଣିଥିଲେ। ମହାଲକ୍ଷ୍ମୀଙ୍କ ଭାର ମନ୍ଦିରରେ ପ୍ରବେଶ କରିବା ମାତ୍ରେ ଗୁଆପାହାଚରେ କ୍ଷୀର ଉତୁରା ପର୍ବ ଆରମ୍ଭ ହୋଇଥିଲା। ଏଭଳି ଶୁଭ ଦୃଶ୍ୟ ଦେଖି ଭାର ମନ୍ଦିର ଭଣ୍ଡାରକୁ ଯାଇଥିଲା। ମନ୍ଦିର ସିଂହାସନ ଚାରିପାଖେ ୩ ଘେରା ଓ ବେଢ଼ାରେ ୬ ଘେରା ଏପରି ନବାଙ୍କ ବେଢ଼ାନୀତି ସମ୍ପନ୍ନ କରାଯାଇଛି। ଏହି ଅବସରରେ ଶରୀରରୁ ପୀଡ଼ା ଲାଘବ ଏବଂ ଶ୍ରଦ୍ଧାଭକ୍ତିରେ ଶ୍ରଦ୍ଧାଳୁମାନେ ମନ୍ଦିର ବେଢ଼ା ୯ ଥର ପରିକ୍ରମା କରିଥିଲେ। ଆଦୌ ଚାଉଳ ଭୋଗ ଲାଗି କରାଯାଉ ନ ଥିବା ସାକ୍ଷୀଗୋପାଳ ଠାକୁରଙ୍କୁ ମକର ଭାରରେ ପ୍ରସ୍ତୁତ ମକର ଚାଉଳ ବର୍ଷକୁ ଗୋଟିଏ ଦିନ ମକର ସଂକ୍ରାନ୍ତି ପର୍ବରେ ସ୍ୱତନ୍ତ୍ର ଲାଗି କରାଯିବ।




୧୪।୧।୨୦୨୪

୬,୪୪,୦୧୨ ଟଙ୍କା


ଆଲାମଚଣ୍ଡୀ ମନ୍ଦିରରୁ ମକର ତାଡ଼ ଶ୍ରୀମନ୍ଦିର ଅଭିମୁଖେ ନିଆଯାଉଛି ।


ମହାପ୍ରଭୁଙ୍କ ଲାଗି ଓଡ଼ିଆମଠ ପରିସରରେ ଚଉସର ମାଳ ପ୍ରସ୍ତୁତ କରାଯାଉଛି ।

## ସଂକ୍ଷେପରେ

### ରାଜ୍ୟ ସୈନିକ ବୋର୍ଡ ସେକ୍ରେଟାରୀଙ୍କ ଇସ୍ତଫା ଦାବିରେ ଘେରାଉ

ଭୁବନେଶ୍ୱର, ୧୪ା୧ (ବନ୍ଦନା ସେଠୀ)

ଭେଟେରାନ ଦିବସରେ ଅଲ୍ ଓଡ଼ିଶା ଭେଟେରାନ ସୋଲଜର୍ସ ଆସୋସିଏଶନ୍ ପକ୍ଷରୁ ରାଜ୍ୟ ସୈନିକ ବୋର୍ଡ ସେକ୍ରେଟାରୀଙ୍କ ଇସ୍ତଫା ଦାବିକରି ରବିବାର ବୋର୍ଡ ଅଫିସ୍ ଘେରାଉ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ଭେଟେରାନ ସୈନିକଙ୍କ ବିଶ୍ରାମ ଗୃହ ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରେ ସୈନିକ ଭବନ ନିର୍ମାଣ କରାଯାଇଥିଲା। ମାତ୍ର ବୋର୍ଡ ସେକ୍ରେଟାରୀ ନିଜ ଅଫିସ୍ ପାଇଁ ଅଧା ସୈନିକ ଭବନ ମାଡ଼ି ବସିଥିବାରୁ ଯବାନମାନେ ହଇରାଣ ହେଉଛନ୍ତି। ଏଥିସହ ଯବାନଙ୍କ ଲିଜ୍ ଜମିକୁ ହଡପ କରି ଜମି ମାଫିଆଙ୍କୁ ଦିଆଯାଉଛି। କଟକରେ ଥିବା ସୈନିକ ଭବନ ମଧ୍ୟ ଅଚଳ ଅବସ୍ଥାରେ ରହିଛି। ସେହିପରି ଜିଲା ସୈନିକ ବୋର୍ଡରେ ସେକ୍ରେଟାରୀ ନ ଥିବାବେଳେ ସୈନିକ ବୋର୍ଡ଼ରେ ଥିବା ଯବାନଙ୍କ ପେନ୍ସନ ୧୧ ହଜାରରେ ସୀମିତ ରହିଛି। ଏହାର ପ୍ରତିବାଦରେ ଆସୋସିଏଶନ୍ର ସଦସ୍ୟମାନେ ସୈନିକ ବୋର୍ଡ ଅଫିସ୍ ଘେରାଉ କରି ପ୍ରତିବାଦ କରିଥିଲେ। ପରେ ମାଷ୍ଟରକ୍ୟାଣ୍ଟିନଠାରେ ଭେଟେରାନ ଦିବସ ପାଳନ କରାଯାଇଥିଲା। ସଭାପତି ଭେଟେରାନ ମହେଶ୍ୱର ବେହେରା, ସମ୍ପାଦକ ଭେଟେରାନ ଉମେଶ କୁମାର ଚଇନି, ଉପଦେଷ୍ଟା ଭେଟେରାନ ରାଧା ମୋହନ ମିଶ୍ର, ଜଙ୍କିଆ ଆସୋସିଏଶନ୍ ସଭାପତି ବିଜୟ ବଲିୟାରସିଂ, ଖୋର୍ଦ୍ଧାର ଭେଟେରାନ ରତ୍ନାକର ଗୁମାନସିଂ ପ୍ରମୁଖ ସମସ୍ତ ଜିଲା ଭେଟେରାନ ଆସୋସିଏଶନ୍ର ପ୍ରତିନିଧି ଯୋଗଦେଇ ଥିଲେ।

### କୁଜି ହରିଣ ଶାବକ ମୃତ

ବାରଙ୍ଗ,୧୪ା୧(ଲିଙ୍ଗରାଜ ରାଉତ): ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଗତ ୨ ଦିନ ହେବ ଏକ ଅଣ୍ଡିରା କୁଜିହରିଣ ଏବଂ ଅଣ୍ଡିରା ଗାଡ଼ଭାଲୁର ମୃତ୍ୟୁ ପରେ ରବିବାର ୬୯ନଂ. ଏନ୍କ୍ଲୋଜରରେ ଏକ କୁଜି ହରିଣ ଶାବକର ମୃତ୍ୟୁ ଘଟିଛି। ମାଇ କୁଜି ହରିଣ ରବିବାର ଏକ ଶାବକକୁ ଜନ୍ମ ଦେଇଥିଲା। ଜନ୍ମ ଦେବାର କିଛି ସମୟ ପରେ ଛୁଆଟିର ହଠାତ୍ ମୃତ୍ୟୁ ହୋଇଥିଲା। ତେବେ ଛୁଆଟିର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ଅନ୍ୟପଟେ ରବିବାର ନନ୍ଦନକାନନରେ ଏକ ପ୍ରକାର ଭିଡ଼ ହୋଇଥିଲା। ତେବେ ଏହାର ସୁଯୋଗରେ ଦୁର୍ବୃତ୍ତମାନେ ପକେଟମାର କରିଥିଲେ ମଧ୍ୟ କର୍ମଚାରୀଙ୍କ ହାତରେ ଧରା ପଡ଼ିଥିଲେ। ଜଣେ ମହିଳା ପର୍ଯ୍ୟଟକ ସାପ ଦେଖୁଥିବା ସୁଯୋଗରେ ତାଙ୍କର ଭ୍ୟାନିଟିକୁ ଜଣେ ପକେଟମାର ନେଇ ପଳାଇଯାଇଥିଲେ। ଏହି ସମୟରେ ମହିଳା ଜଣଙ୍କ ପାଟି କରିବାରୁ ପାଖରେ ଥିବା କର୍ମଚାରୀ ଦୁର୍ବୃତ୍ତଙ୍କୁ କାବୁ କରି ନନ୍ଦନକାନନ ଥାନା ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି।

### ଅବକାରୀ ଚଢ଼ାଉ, ୪ ଗିରଫ

ବାଲୁଗାଁ,୧୪ା୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ ମଦ ସହ ଏକ ସ୍କୁଟି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୪ଜଣଙ୍କୁ ଗିରଫ କରାଯାଇଛି। ବାଣପୁର ଥାନା ଅଧୀନ ବୋରିଗାଁ ଗ୍ରାମର ମଙ୍ଗରାଜ ବିଶ୍ୱାଳଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୩୦ ଲିଟର ଦେଶୀ ମଦ ଓ ଏକ ସ୍କୁଟି ଜବତ ହୋଇଛି। ସେହିପରି ଅନ୍ତରକିଆରୀ ଗ୍ରାମର ଶୈଳବାଳା ମହାରଣାଙ୍କ ନିକଟରୁ ୨୬ ଲିଟର ଦେଶୀ ମଦ ଜବତ ହୋଇଛି। ବାଲୁଗାଁ ଥାନା ଅନ୍ତର୍ଗତ ସରନଇ ଗ୍ରାମରେ ଚଢ଼ାଉ କରାଯାଇ ରଜତ ପଡିଆଳି ଓ ରମେଶ ପଡିଆଳିଙ୍କୁ ଗିରଫ କରାଯିବା ସହ ୩୫ ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଅବକାରୀ ବିଭାଗରେ ପୃଥକ୍ଭାବେ ୪ଟି ମାମଲା ରୁଜୁ ହୋଇଛି।

# ବ୍ୟବସାୟୀଙ୍କୁ ହତ୍ୟା, ସନ୍ଦେହ ଘେରରେ ମହିଳା

ବାଲକାଟୀ,୧୪ା୧(ମନୋଜ ମଣ୍ଡଳ)

- କ୍ଷତାକ୍ତ, ଗଳିତ ମୃତଦେହ ଜବତ କଲା ପୋଲିସ
- ପୁରୀରୁ ମହିଳାଙ୍କୁ ଧରି ଥାନାରେ ପଚରାଉଚରା



ବାଲିଅନ୍ତା ଥାନା ବାଲକାଟି ଫାଣ୍ଡି ଅଧୀନ ସାଗୁଆ ଗ୍ରାମର ଏକ ବନ୍ଦ କୋଠରିରୁ ଯୁବ ହୋଟେଲ ବ୍ୟବସାୟୀଙ୍କ କ୍ଷତାକ୍ତ ଓ ଗଳିତ ମୃତଦେହକୁ ରବିବାର ସକାଳେ ବାଲିଅନ୍ତା ପୋଲିସ ଜବତ କରିଛି। ସେ ହେଲେ ବିପିନ ବିହାରୀ ନାୟକଙ୍କ ପୁଅ ବିଶ୍ୱଜିତ୍। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ବିଶ୍ୱଜିତ୍ଙ୍କ ପାଖରେ ରହୁଥିବା ଜଣୈକା ମହିଳାଙ୍କ ଶୁକ୍ରବାର ସନ୍ଧ୍ୟାରୁ ଆଉ ଦେଖାମିଳୁ ନ ଥିବାରୁ ପୋଲିସର ସନ୍ଦେହ ଘେରକୁ ଆସିଥିଲା। ରବିବାର ସନ୍ଧ୍ୟାରେ ପୋଲିସ ତାଙ୍କୁ ପୁରୀରୁ ଧରିବା ପରେ ଥାନାକୁ ଆଣି ପଚରାଉଚରା କରୁଥିବା ସୂଚନା ମିଳିଛି। ଏପଟେ ଉକ୍ତ ଗ୍ରାମରେ ଥିବା ତାଙ୍କ ପରିବାର ଲୋକେ ମଧ୍ୟ ମୁହଁ ଖୋଲୁ ନ ଥିବାରୁ ହତ୍ୟା ପଛରେ ବଡ଼ ରହସ୍ୟ ରହିଥିବା ଚର୍ଚ୍ଚା ଚାଲିଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଓ ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ମୃତଦେହ ପଚି ଗନ୍ଧ ବାହାରୁଥିବାରୁ ୩-୪ ଦିନ ତଳେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଶନିବାର ରାତିରେ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜଗି ରହିଥିଲା। ରବିବାର ମୃତ ବିଶ୍ୱଜିତ୍ଙ୍କ ଅନ୍ୟତମ ସାନ ଭାଇ ପୂର୍ଣ୍ଣ ପ୍ରକାଶ ନାୟକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ନଂ.୨୯/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ସୂଚନା ମୁତାବକ, ବିଶ୍ୱଜିତଙ୍କର ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗରରେ ଏକ ହୋଟେଲ ରହିଛି। ବାପା ବିପିନ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ। ସେ ଗାଁରେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଓ ୨ ପୁଅଙ୍କ ସହ ରୁହନ୍ତି। ପ୍ରଥମ ସ୍ତ୍ରୀ ପୁରୀରେ ରହୁଥିବାବେଳେ ତାଙ୍କ ବଡ଼ ପୁଅ ବିଶ୍ୱଜିତ ନିଜ ଗାଁ ସାଗୁଆରେ ବାପାଠାରୁ ଅଲଗା ରୁହନ୍ତି ଓ ସାନପୁଅ ରଞ୍ଜିତ ଭଦ୍ରକ ଧାମରାରେ ରୁହନ୍ତି। ବିଶ୍ୱଜିତଙ୍କ ୧୪ ବର୍ଷର ପୁଅ ପୁରୀରେ ହଷ୍ଟେଲରେ ରହି ପାଠ ପଢୁଥିବାବେଳେ ତାଙ୍କ ସ୍ତ୍ରୀ ଅନ୍ୟ ଜଣେ ଯୁବକଙ୍କ ସହ ପଳାଇଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ, ବିଶ୍ୱଜିତ ୪ରୁ ୬ ମାସ ହେବ ଜଣେ ୩୦/୩୫ ବର୍ଷୀୟା ମହିଳାଙ୍କୁ ଆଣି ଘରେ ରଖିଥିଲେ। ଶନିବାର ସନ୍ଧ୍ୟାରେ ଧାମରାରେ ରହୁଥିବା ସାନ ଭାଇ ବିଶ୍ୱଜିତ୍ଙ୍କୁ ଫୋନ୍ ଓ ମେସେଜ କରିଥିଲେ। କୌଣସି ଉତ୍ତର ନ ମିଳିବାରୁ ତାଙ୍କର ସନ୍ଦେହ ହୋଇଥିଲା। ତେଣୁ ସେ ଗାଁରେ ରହୁଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ବିଶ୍ୱଜିତ୍ ରହୁଥିବା ଘରେ ପହଞ୍ଚିଥିଲେ। ମାତ୍ର ଘର ବାହାର ପଟୁ ବନ୍ଦ ଥିବାବେଳେ ଭିତରୁ ପଚା ଗନ୍ଧ ବାହାରୁଥିବାରୁ ସେମାନେ ବାଲକାଟୀ ଫାଣ୍ଡି ପୋଲିସକୁ ଜଣାଇଥିଲେ। ପରେ ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଓ ବାଲକାଟୀ ଫାଣ୍ଡି ଅଧିକାରୀ ନିରଞ୍ଜନ ବେହେରା ରାତି ପ୍ରାୟ ୧୧ଟାରେ ସେଠାରେ ପହଞ୍ଚିଥିଲେ। ଘର କାନ୍ଥରେ ରକ୍ତର ଛିଟା ଲାଗିଥିବାବେଳେ ବିଶ୍ୱଜିତ୍ଙ୍କ ଉପରେ ଏକ କମ୍ବଳ ଘୋଡ଼ାଯାଇଥିଲା। ତାଙ୍କ ମୁଣ୍ଡରେ କ୍ଷତ ଚିହ୍ନ ରହିଥିଲା ଓ ପାଟିରୁ ରକ୍ତ ବାହାରି ଦେହ ସାରା ହୋଇଯାଇଥିଲା। ତେବେ ଘରୁ କୌଣସି ସାମଗ୍ରୀ ଚୋରି ହୋଇ ନାହିଁ। ମୁଣ୍ଡକୁ ଏକ ଟାଣୁଆ ସାମଗ୍ରୀରେ ଆଘାତ କରି ହତ୍ୟା କରାଯାଇଥିବା ଥାନା ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି। ବିଶ୍ୱଜିତ୍ କରାଟେ ଶିଖିଥିବାବେଳେ ତାଙ୍କୁ ଜଣେ ହତ୍ୟା କରିବା ସମ୍ଭବ ନୁହେଁ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

## ଶିକାରୀ ଗିରଫ, ୩ କୋଚିଲାଖାଇ ପକ୍ଷୀ ଜବତ



ବାଲକାଟୀ,୧୪ା୧(ମନୋଜ ମଣ୍ଡଳ): ପକ୍ଷୀ ଶିକାର କରି ବିକ୍ରି କରିବା ଅଭିଯୋଗରେ ବାଲିପାଟଣା ବନ ବିଭାଗ ଜଣେ ଶିକାରୀଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଶିକାରୀ ଜଣକ ହେଲେ ବାଲିଅନ୍ତା ଥାନା ଭୁବନପୁରର ଅଶୋକ ପାତ୍ର (୪୩)। ବନ ବିଭାଗ ତାଙ୍କ ପାଖରୁ ୩ଟି କୋଚିଲା ଖାଇ ପକ୍ଷୀ ସହିତ ପ୍ରାଣୀ ଧରିବାରେ ବ୍ୟବହୃତ ପଞ୍ଜୁରି, ଅଠାକାଠି, ଧାରୁଆ ଅସ୍ତ୍ର ଜବତ କରିଛି। ଏନେଇ ବନ ବିଭାଗ ୮/୨୪ରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଅଶୋକ ଉକ୍ତ ୩ କୋଚିଲା ଖାଇ ପକ୍ଷୀ ଶିକାର କରି ବାଲକାଟୀ ଫାଣ୍ଡି ଅଧୀନ ସରକଣା ପଞ୍ଚାୟତ ରଣପୁର ଗ୍ରାମରେ ବିକ୍ରି କରୁଥିବାବେଳେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏନେଇ ବାଲିପାଟଣା ବନ ବିଭାଗକୁ ସୂଚନା ଦେଇଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ରଣପୁର ଗ୍ରାମରେ ପହଞ୍ଚି ଅଶୋକଙ୍କୁ ଗିରଫ କରିଛନ୍ତି।

# ୩ରୁ କାହାଣୀ ମହୋତ୍ସବ 'ଭୁଫେଷ୍ଟୋ'



ରବିବାର ସତ୍ୟନଗରସ୍ଥିତ ବକୁଳ ପାଠାଗାରରେ ଆୟୋଜିତ ଭୁଫେଷ୍ଟୋ ସ୍କ୍ରିନିଂ କାର୍ଯ୍ୟକ୍ରମରେ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଭୁଫେଷ୍ଟୋ ଫେଷ୍ଟିଭାଲର ନିର୍ଦ୍ଦେଶକ ସୁଜିତ ମହାପାତ୍ର ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୪ା୧ (ବନ୍ଦନା ସେଠୀ)

ପୁଣି ଫେରିବ ଅନ୍ତର୍ଜାତୀୟ କାହାଣୀ ମହୋତ୍ସବ 'ଭୁଫେଷ୍ଟୋ'। ବକୁଳ ଫାଉଣ୍ଡେଶନ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ସହଭାଗିତାରେ ଫେବୃଆରୀ ୩ରୁ ୫ ପର୍ଯ୍ୟନ୍ତ ସହରର ଭିନ୍ନଭିନ୍ନ ପାର୍କରେ ଏହା ଅନୁଷ୍ଠିତ ହେବ। ରବିବାର ସତ୍ୟନଗରସ୍ଥିତ ବକୁଳ ପାଠାଗାରରେ ଆୟୋଜିତ ଭୁଫେଷ୍ଟୋ ସ୍କ୍ରିନିଂ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ପୂର୍ବବର୍ଷ ଭଳି ଚନ୍ଦ୍ରଶେଖରପୁରରେ ବୁଦ୍ଧ ଜୟନ୍ତୀ ପାର୍କ, ୟୁନିଟ-୨ସ୍ଥିତ ଇନ୍ଦିରାଗାନ୍ଧୀ ପାର୍କ, ସମ୍ ହସ୍ପିଟାଲ ନିକଟ ଏପିଜେ ଅବଦୁଲ କଲାମ ପାର୍କ ଓ ପୋଖରୀପୁଟସ୍ଥିତ କଳାଭୂମିଠାରେ ଏହି କାହାଣୀ ମହୋତ୍ସବର ଆୟୋଜନ କରାଯାଇଛି। ପ୍ରତିଦିନ ଅପରାହ୍ଣ ୨ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ପିଲାମାନେ କାହାଣୀ ଶୁଣିବାର ସୁଯୋଗ ପାଇବେ। ଏନେଇ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଭୁଫେଷ୍ଟୋ ଫେଷ୍ଟିଭାଲର ନିର୍ଦ୍ଦେଶକ ସୁଜିତ ମହାପାତ୍ର କହିଛନ୍ତି, ପ୍ରାଚୀତାରା, ମୀରା ଦାସ ଏବଂ ଶାଶ୍ୱତି ନନ୍ଦ ଶତପଥୀ କାହାଣୀ ପରିବେଷଣ କରିବେ। ହାସ୍ୟରସ କାହାଣୀ ଉପରେ ଏକ ଅଧିବେଶନ ହେବ, ଯେଉଁଥିରେ ହୃଦୟ ରଞ୍ଜନ, ସତ୍ୟବ୍ରତ ମହାପାତ୍ର, ବର୍ଷା ମିଶ୍ରଙ୍କ ସହ ହାସ୍ୟ ଅଭିନେତା ସହ କୁନା ତ୍ରିପାଠୀ ମଧ୍ୟ କାହାଣୀ କହିବେ। ଭାରତର ସର୍ବୋତ୍ତମ ଷ୍ଟାଣ୍ଡ୍ ଅପ୍ କମେଡି ମଧ୍ୟରୁ ଓଡ଼ିଶାର ବିଶ୍ୱ କଲ୍ୟାଣ ରଥ ମଧ୍ୟ ପ୍ରଦର୍ଶନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୁତି ମହାପାତ୍ର, ମୀରା ପରିଡା, ଇଲିଆନା ଚିତାରିସ୍ତି, ଲେଖକ ରମେନ୍ଦ୍ର କୁମାର ଏବଂ ସୁବ୍ରତୋ ବାଗଚି ପ୍ରମୁଖ କାହାଣୀ ଶୁଣାଇବେ। ମିଲେଟ ଉପରେ ଖାଦ୍ୟ କାହାଣୀର ଏକ ସ୍ୱତନ୍ତ୍ର ଅଧିବେଶନ ହେବ। ଏହାବ୍ୟତୀତ ରାବଣ ଛାୟା, ଗ୍ଲୋଭ ଏବଂ ଷ୍ଟ୍ରିଙ୍ଗ ପପେଟ୍ରୀ, କୀର୍ତ୍ତନ, ପ୍ରହ୍ଲାଦ ନାଟକ ଏବଂ ସୁଜାତା ପ୍ରିୟମ୍ବଦାଙ୍କ ଦ୍ୱାରା ଫକିର ମୋହନ ସେନାପତିଙ୍କ ରେବତୀ ପ୍ରଦର୍ଶନ କରାଯିବ।

### ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରି ଯୁବକ ଗିରଫ

ଭୁବନେଶ୍ୱର,୧୪ା୧ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବତୀଙ୍କ ଆପତ୍ତିଜନକ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରାଇବାର ଧମକ ଦେବା ଅଭିଯୋଗରେ ଇନ୍ଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଗୌତମ ସାହୁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି। ସୂଚନାନୁସାରେ, ଗତ ୬ମାସ ପୂର୍ବରୁ ଗୋଟିଏ ଘରୋଇ ରେଷ୍ଟୁରାଣ୍ଟରେ ଏକାଠି କାମ କରୁଥିବା ସମୟରେ ଉଭୟ ଅଭିଯୁକ୍ତ ଗୌତମ ଓ ପୀଡ଼ିତା ଯୁବତୀଙ୍କ ମଧ୍ୟରେ ସମ୍ପର୍କ ଗଢ଼ିଉଠିଥିଲା। ଅଭିଯୁକ୍ତ ଜଣକ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କ ନିକଟତର ହେବା ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ଏହାକୁ ପୀଡ଼ିତା ଯୁବତୀ ବିରୋଧ କରିବାରୁ ଅଭିଯୁକ୍ତ ଗୌତମ ପାଖରେ ରଖିଥିବା ତାଙ୍କ ଆପତ୍ତିଜନକ ଫଟୋଗୁଡ଼ିକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଏନେଇ ଇନ୍ଫୋସିଟି ଥାନାରେ ଅଭିଯୋଗ ପରେ ପୋଲିସ ପଦକ୍ଷେପ ଗ୍ରହଣ କରିଛି।

## ଭୁବନେଶ୍ୱର, କଟକ ରେଳଷ୍ଟେଶନରେ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କଲେ ରେଳମନ୍ତ୍ରୀ



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ରେଳଷ୍ଟେଶନରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

କଟକ/ଭୁବନେଶ୍ୱର,୧୪ା୧ (କାର୍ତ୍ତିକ ସାହୁ/ଅନୁରାଧା ମହାରଣା)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଭଦ୍ରକ-ଭୁବନେଶ୍ୱର ରେଳ ସେକ୍ସନ ନିରୀକ୍ଷଣ କରି ନିରାପତ୍ତା, ଟ୍ରାଫିକ ସୁବିଧା ସମୀକ୍ଷା କରିଛନ୍ତି। ରେଳ ସେକ୍ସନ ଅନ୍ତର୍ଗତ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଷ୍ଟେଶନରେ ଚାଲିଥିବା ଭିତ୍ତିଭୂମି କାର୍ଯ୍ୟ ତଦାରଖ କରିଛନ୍ତି। ଏହି ସମୟରେ ସେ ରେଳ ଅଧିକାରୀଙ୍କୁ ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଯାତ୍ରୀଙ୍କ ସୁବିଧା ପାଇଁ ଚାଲିଥିବା କାର୍ଯ୍ୟ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି।

ରେଳମନ୍ତ୍ରୀ ବାଲେଶ୍ୱରରୁ ଭୁବନେଶ୍ୱର ଫେରିବାବେଳେ କଟକ ରେଳଷ୍ଟେଶନରେ ରବିବାର ସନ୍ଧ୍ୟାରେ ଓଭ୍ରାଇ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। କଟକ ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ କରାଯିବା ପାଇଁ କିଛିଦିନ ପୂର୍ବେ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟ ଦେଖି ବହୁତ ଖୁସି ଲାଗୁଛି ବୋଲି ସେ କହିଛନ୍ତି। ଖୁବ୍ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଓଡ଼ିଶା ପ୍ରତି ସଦିଚ୍ଛା ରହିଛି। ବିଶ୍ୱସ୍ତରୀୟ ରେଳଷ୍ଟେଶନର ନିର୍ମାଣ ପରେ ସେଥିରେ ଗୋଟିଏ ବଡ଼ ରୁଫ୍ ପ୍ଲାଜା ରହିବ। ସେଥିରେ ଓଡ଼ିଶା ଖାଦ୍ୟ ସହ ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ସାମଗ୍ରୀଗୁଡ଼ିକର ଷ୍ଟଲ ମଧ୍ୟ ରହିବ। ଏହି ଅବସରରେ ସେ ରେଳଷ୍ଟେଶନରେ ଗତ ୧୨ ତାରିଖରେ ଖୋଲିଥିବା ମାଣିଆ ବନ୍ଧ ହସ୍ତଶିଳ୍ପ ଶାଢ଼ି ଷ୍ଟଲ ପରିଦର୍ଶନ କରିଥିଲେ। ରେଳମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ପୂର୍ବତଟ ରେଳୱେର ମହାପ୍ରବନ୍ଧକ ମନୋଜ ଶର୍ମା, ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍. ଏସ୍. ବାଜୱାଙ୍କ ସମେତ ରେଳୱେର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩ଜଣଙ୍କୁ 'ସାମନ୍ତ ଚନ୍ଦ୍ରଶେଖର ଜ୍ୟୋତିର୍ବିଜ୍ଞାନୀ ସମ୍ମାନ'

ଭୁବନେଶ୍ୱର,୧୪ା୧ (ଅନୁରାଧା ମହାରଣା)

ସାମନ୍ତ ଚନ୍ଦ୍ର ଶେଖର ଆଗ୍ରହୀ ଜ୍ୟୋତିର୍ବିଜ୍ଞାନ ପରିଷଦ(ସ୍କା)ର ୩୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଦାର୍ଥ ବିଜ୍ଞାନ ଅନୁଷ୍ଠାନ (ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ)ର କନଫରେନ୍ସ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁଣେସ୍ଥିତ ଆଇସିୟୁଏର ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ପ୍ରଫେସର ରଞ୍ଜନ ଗୁପ୍ତା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜ୍ୟୋର୍ତିବିଜ୍ଞାନ ବୃତ୍ତିରେ ସୁଯୋଗ ଏବଂ ଜ୍ୟୋର୍ତିବିଜ୍ଞାନ ମେଗା ପ୍ରୋଜେକ୍ଟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୨୦୨୩ ବର୍ଷ ପାଇଁ ୩ଜଣ ବିଶିଷ୍ଟ ବୈଜ୍ଞାନିକଙ୍କୁ ସାମନ୍ତ ଚନ୍ଦ୍ରଶେଖର ଜ୍ୟୋତିର୍ବିଜ୍ଞାନି ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ଅବସରପ୍ରାପ୍ତ ପ୍ରଫେସର ପ୍ରଫେସର ଅଜିତ ମୋହନ ଶ୍ରୀବାସ୍ତବ, ପଠାଣି ସାମନ୍ତ ପ୍ଲାନେଟୋରିୟମର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଜନ୍ମବାର୍ଷିକୀ ଉପଲକ୍ଷେ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପଦାର୍ଥବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣା କର ନନ୍ଦ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଂସ୍ଥାର ସଭାପତି ପ୍ରଫେସର ଲକ୍ଷ୍ମୀଧର ଶତପଥି ବିଗତ ବର୍ଷରେ ସ୍କା ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣି ପ୍ରଦାନ କରିଥିଲେ।



ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସଠାରେ ରବିବାର ଅନୁଷ୍ଠିତ ସାମନ୍ତ ଚନ୍ଦ୍ରଶେଖର ଆମାଟର ଆଷ୍ଟ୍ରୋନମର୍ସ ଆସୋସିଏଶନର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ। (ଫଟୋ: ବିକାଶ ନାୟକ)

# ଯୋଗାଯୋଗର ଉତ୍କୃଷ୍ଟ ମାଧ୍ୟମ ଡକ୍ୟୁମେଣ୍ଟାରି ଫିଲ୍ମ




ଶିଶୁ ଚଳଚ୍ଚିତ୍ର ଉତ୍ସବ 'କଲ୍ଲୋଳ'ର ଉଦ୍ଘାଟନୀ ଉତ୍ସବରେ ଅତିଥି ଓ ଅନ୍ୟମାନେ।

### ୧୦ମ 'କଲ୍ଲୋଳ' ଶିଶୁ ଚଳଚ୍ଚିତ୍ର ଉତ୍ସବ

ଭୁବନେଶ୍ୱର,୧୪ା୧(ଶର୍ମିଷ୍ଠା ପାଣିଗ୍ରାହୀ)

ଆଇନା ପକ୍ଷରୁ ୧୦ମ ଶିଶୁ ଚଳଚ୍ଚିତ୍ର ଉତ୍ସବ 'କଲ୍ଲୋଳ' ରବିବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆରମ୍ଭ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦିକା ସ୍ନେହ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ୨ଦିନିଆ ଉତ୍ସବକୁ ୟୁନିସେଫ୍ର ମୁଖ୍ୟ ଅଧିକାରୀ ୱିଲିୟମ୍ ହାନିଅନ୍ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ଯୋଗାଯୋଗର ଉତ୍କୃଷ୍ଟ ମାଧ୍ୟମ ହେଉଛି ଏଭଳି ଡକ୍ୟୁମେଣ୍ଟାରି ଫିଲ୍ମ। ଆଜିକାଲି ଛାତ୍ରୀଛାତ୍ର ଅଥବା ଦିବ୍ୟାଙ୍ଗମାନେ ବହୁ ଉତ୍କୃଷ୍ଟମାନର କ୍ଷୁଦ୍ର ଫିଲ୍ମ ପ୍ରସ୍ତୁତ କରିପାରିଛନ୍ତି, ଯାହାକି ସମାଜର ବାର୍ତ୍ତାବହ ଭାବେ ସାବ୍ୟସ୍ତ ହୋଇଥାଏ। ଅନ୍ୟତମ ଅତିଥି ଭାବେ ନାଟ୍ୟକାର ଅନନ୍ତ ମହାପାତ୍ର କହିଲେ, ଆମର ମାନସିକତା ତଥା ବ୍ୟବହାରରେ ହିଁ ବିଷମତା ବା ଭିନ୍ନକ୍ଷମତା ରହିଛି। ଏହି ମାନସିକତାର ନିହାତି ପରିବର୍ତ୍ତନ ଜରୁରୀ। ଫିଲ୍ମ ନିର୍ମାତା ଜିତେନ୍ଦ୍ର ମିଶ୍ର ଚଳଚ୍ଚିତ୍ର ପ୍ରସ୍ତୁତି ଏବଂ ଛାତ୍ରଙ୍କ ଦ୍ୱାରା କିପରି କମ୍ ମୂଲ୍ୟର ଉଚ୍ଚମାନର ଫିଲ୍ମ ତିଆରି କରାଯାଇ ପାରିବ ସେ ନେଇ ମତପୋଷଣ କରିଥିଲେ। ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର କହିଲେ ଯେ, ଅକ୍ଷମ ଶବ୍ଦ ପ୍ରତି କେହି ଘୃଣାଭାବ ସୃଷ୍ଟି କରୁନାହାନ୍ତି। ଅକ୍ଷମତା ବୋଲି ସେମିତି କିଛି ଶବ୍ଦ ନାହିଁ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ(ଓଏସ୍ସିପିସିଆର୍)ର ଚେୟାରମ୍ୟାନ୍ ମନ୍ଦାକିନୀ କର ସୁରକ୍ଷିତ ଶୈଶବ ଉପରେ ଆଲୋକପାତ କରିଥିଲେ। ଦୁଇ ଶିଶୁ କଳାକାର ସ୍ୱୟଂ ମହାନ୍ତି ଏବଂ ଗୁଞ୍ଜନ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଫିଲ୍ମୋତ୍ସବରେ ବିଶେଷ କରି ଭିନ୍ନକ୍ଷମ ଚଳଚ୍ଚିତ୍ର 'ଦ ରାଇଟ ଗ୍ଲାସ୍', 'ଖୁସି', 'ପରିବର୍ତ୍ତନ', 'ୱାଓ', 'ଆଜିଠୁ ଏକାଠି ମନ ବଦଳିଲା' ଓ 'ପରିଚ୍ଛନ୍ନତା', 'ଡେଣା', 'ଦୃଷ୍ଟାନ୍ତ' ଆଦି ଉଚ୍ଚକୋଟୀର ଚଳଚ୍ଚିତ୍ର ସବୁର ସ୍କ୍ରିନିଂ ହୋଇଯାଇଛି। ଅଭିନେତ୍ରୀ ଭୂମିକା ଦାସ, ଅଭିନେତା ଶ୍ରେୟାନ ପ୍ରମୁଖ ଉପସ୍ଥିତ ଥିଲେ। ଆଇନା ସଂସ୍କାର କାର୍ଯ୍ୟକ୍ରମ ପ୍ରବନ୍ଧକ ସ୍ମିତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୪ ଗିରଫ

ବାଲୁଗାଁ,୧୪।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ ମଦ ସହ ଏକ ସ୍କୁଟି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୪ଜଣଙ୍କୁ ଗିରଫ କରାଯାଇଛି। ବାଣପୁର ଥାନା ଅଧୀନ ବୋରିଗାଁ ଗ୍ରାମର ମଙ୍ଗରାଜ ବିଶ୍ୱାଳଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୩୦ ଲିଟର ଦେଶୀ ମଦ ଓ ଏକ ସ୍କୁଟି ଜବତ ହୋଇଛି। ସେହିପରି ଅନ୍ତରକିଆରୀ ଗ୍ରାମର ଶୈଳବାଳା ମହାରଣାଙ୍କ ନିକଟରୁ ୨୬ ଲିଟର ଦେଶୀ ମଦ ଜବତ ହୋଇଛି। ବାଲୁଗାଁ ଥାନା ଅନ୍ତର୍ଗତ ସରନଇ ଗ୍ରାମରେ ଚଢ଼ାଉ କରାଯାଇ ରଜତ ପଡିଆଳି ଓ ରମେଶ ପଡିଆଳିଙ୍କୁ ଗିରଫ କରାଯିବା ସହ ୩୫ ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଅବକାରୀ ବିଭାଗରେ ପୃଥକ୍‌ଭାବେ ୪ଟି ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ଟାଙ୍ଗୀ ଅବକାରୀ ଅଧିକାରୀ ନାରାୟଣ ଜେନା, ବାଲୁଗାଁ ଅବକାରୀ ଏଏସ୍‌ଆଇ ସୁମତି ମହାନ୍ତି, କନଷ୍ଟେବଳ ତୁଷାର ଚମ୍ପତି, ଆଶିଷ ପ୍ରଧାନ, ଚିନ୍ମୟୀ ଦାସଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ।

### ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ : ମାର୍ଥାପୁର ବିଜୟୀ

ଖୋର୍ଦ୍ଧା,୧୪।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ କାଇପଦରଠାରେ ଦ୍ୱିତୀୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ସତ୍ୟପୀର ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଢେଙ୍କାନାଳର ମାର୍ଥାପୁର ଓ କେନ୍ଦ୍ରପଡ଼ା ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ମାର୍ଥାପୁର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୨୩୬ରନ ସଂଗ୍ରହ କରିଥିଲା। ଜବାବରେ କେନ୍ଦ୍ରପଡା ଟିମ୍ ୧୫.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରଜତ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକାଶ ସିଂ ଓ ଝଜ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଆଦିତ୍ୟ ବଳିୟାରସିଂ, ଟିଙ୍କୁଲ ସାମନ୍ତରାୟ ଓ ଲିଟିଲ୍ ଚମ୍ପତିରାୟ ସ୍କୋରର ଦାୟିତ୍ୱରେ ରହିଥିଲେ। ଅତିଥିଭାବେ ବଟକୃଷ୍ଣ ପରିଡା, ସନାଉଲ୍ଲା, ଭିକାରୀ ବଳିୟାରସିଂ, ଶ୍ୟାମସୁନ୍ଦର ଶ୍ରୀଚନ୍ଦନ, ଗୋପୀନାଥ ମହାରଥୀ, ଏମ୍‌ଡି ଫାରୁକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଆୟୋଜକ ସତ୍ୟପୀର ସ୍ପୋର୍ଟିଂ କାଇପଦର ଓ କଳିଙ୍ଗ ଟାଇଗର ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ମକରମେଳା ପାଇଁ ହଟକେଶ୍ୱର ପୀଠ ଚଳଚଞ୍ଚଳ

ଖୋର୍ଦ୍ଧା,୧୪।୧(ପ୍ରଭାତ ପାଣିଗ୍ରାହୀ)

- ସଙ୍କଳ୍ପ କଲେ ମାନସିକଧାରୀ
- ଦହନ କୁଣ୍ଡରେ ଗୁଆ ଖୋଜିବେ ବନ୍ଧ୍ୟାନାରୀ
- ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଚୂଡ଼ାନ୍ତ



ମକର ସଂକ୍ରାନ୍ତି ତଥା ସୋମବାରଠାରୁ ଖୋର୍ଦ୍ଧା ଜିଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ହଟକେଶ୍ୱରଙ୍କ ମକରମେଳା ଅନୁଷ୍ଠିତ ହେବ। ଏଥିସହ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ଉଷ୍ଣ ପ୍ରସ୍ରବଣଠାରେ ମକର ମହୋତ୍ସବ ଆୟୋଜିତ ହେବ। ମନ୍ଦିର ପରିଚାଳନା କମିଟି, ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମକର ସଂକ୍ରାନ୍ତିରେ ଉଷ୍ଣ ପ୍ରସ୍ରବଣରେ ଶତାଧିକ ପର୍ଯ୍ୟଟକଙ୍କ ଗହଳି ରହିଥାଏ। ଏହି ସମୟରେ ଉତ୍ତପ୍ତ କୁଣ୍ଡରେ ସ୍ନାନକଲେ ଚର୍ମରୋଗ ଓ କୁଆ କୁଣ୍ଡ ପାଦୁକା ଗ୍ରହଣ କଲେ ପେଟରୋଗ ଦୂର ହୁଏ ବୋଲି ବିଶ୍ୱାସ ରହିଛି। ଚଳିତବର୍ଷ ଉଷ୍ଣ ପ୍ରସ୍ରବଣଠାରେ ମକର ମହୋତ୍ସବ ଆୟୋଜନ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ମାନସିକଧାରୀ ମହିଳାମାନେ ପରିବାର ସହ ରବିବାରଠାରୁ ହଟକେଶ୍ୱର ମନ୍ଦିରରେ ପହଞ୍ଚିଛନ୍ତି। ସେମାନଙ୍କ ପାଇଁ ମନ୍ଦିର ଯାତ୍ରୀ ବିଶ୍ରାମାଗାରରେ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ମାନସିକଧାରୀ ମହିଳାମାନେ ଶ୍ରୀ ହଟକେଶ୍ୱରଙ୍କ ନିକଟରେ ସନ୍ତାନପ୍ରାପ୍ତି ଲାଗି ସଙ୍କଳ୍ପ କରିଛନ୍ତି। ହଟକେଶ୍ୱରଙ୍କ ଆଶୀର୍ବାଦରୁ ଦହନ କୁଣ୍ଡରେ ଗୁଆ ଖୋଜି ଭକ୍ଷଣ କଲେ ସନ୍ତାନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପ୍ରାଚୀନ କାଳରୁ ଏହି ପରମ୍ପରା ଚାଲିଆସିଛି ବୋଲି ବରିଷ୍ଠ ସେବାୟତ ଗୋପୀନାଥ ମହାପାତ୍ର କହିଛନ୍ତି।

ହଟକେଶ୍ୱରଙ୍କ ପୀଠରେ ପ୍ରବଳ ଭକ୍ତଙ୍କ ସମାଗମ ହେବ। ଏନେଇ ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଭୋର ୩ଟାରେ ଠାକୁରଙ୍କ ଦ୍ୱାରଫିଟା ପରେ ଅବକାଶ, ମଇଲମ, ତଡ଼ପଲାଗି ସହ ଅନ୍ୟାନ୍ୟ ନୀତି ବଢ଼ି ୪ଟାରେ ଗଜପତି ମହାରାଜ ପକ୍ଷରୁ ଅଟ୍ରି ଦଳବେହେରାଙ୍କ ପହିଲିଭୋଗ, ମର୍ଦ୍ଦନ, ଜଳରାଶି ଓ ଭୋଗଲାଗି କରାଯିବ। ଠାକୁରଙ୍କ ଅବକାଶ ଜଳଲାଗିର ଲେଉଟାପାଣି ପାଦୁକ ବାହାର କରାଯିବ। ଏହି ପାଦୁକାରେ ମାନସିକଧାରୀମାନେ ଠାକୁରଙ୍କ ଚନ୍ଦନ ପୁଷ୍କରିଣୀରେ ପାଦୁକା ସ୍ନାନ କରି ଏକମୁହାଁ ହୋଇ ଉଷ୍ଣ ପ୍ରସ୍ରବଣଠାରେ ପହଞ୍ଚି ଦହନ କୁଣ୍ଡକୁ ଗୁଆ ଖୋଜିବାକୁ ଯିବେ। ଏହି ସମୟରେ ପାର୍ଶ୍ୱ ଦେବଦେବୀଙ୍କ ସ୍ନାନବିଧି କରାଯାଇ ଚନ୍ଦନ ଲାଗି କରାଯିବ। ପରେ ସର୍ବସାଧାରଣ ଦର୍ଶନ ଆରମ୍ଭହୋଇ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଚାଲିବ। ମଧ୍ୟାହ୍ନରେ ଆଳତି, ସକାଳଧୂପ(ଭୋଗ) ଅପରାହ୍ନ ୨ଟା ସୁଦ୍ଧା ସରିବ। ଅପରାହ୍ନ ୨ଟା ପରେ ଠାକୁର ଦୋଳବିମାନରେ ବିଜେକରି ଉଷ୍ଣ ପ୍ରସ୍ରବଣକୁ ଯାତ୍ରା କରିବେ। ସେଠାର କାମ ଦହନ କୁଣ୍ଡ(କୁଆ ବା ଯଜ୍ଞକୁଣ୍ଡ)କୁ ୩ଥର ପରିକ୍ରମା ପରେ ବିଜେ ମଣ୍ଡପରେ ବିଜେ କରିବେ। ଧୂପ ପରେ ପ୍ରତ୍ୟାବର୍ତ୍ତନ କରିବେ। ମନ୍ଦିର ବିଜେ ପରେ ଗଜପତି ମହାରାଜାଙ୍କ ପକ୍ଷରୁ ରଣା ପରିବାର ପକ୍ଷରୁ ମକର ଚାଉଳ, ବାଲଭୋଗ, ଚୁଡାଘଷା ଓ ଛେନା ପଣା ଧୂପ କରାଯିବ। ରାତି ୯ଟାରେ ଧୂପରେ ଶଙ୍ଖୁଡ଼ି ଭୋଗ, ଆଳତି କରାଯିବ। ରାତି ୧୦ଟାରେ ବଡ଼ସିଂହାର ବେଶରେ ବଡ଼ସିଙ୍ଗାର ଖଜାଭୋଗ ଲାଗିପରେ ଠାକୁରଙ୍କ ପହୁଡ଼ ନୀତି ସମ୍ପନ୍ନ ହେବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତ ସଂଘର ବରିଷ୍ଠ ସେବାୟତ ଦିଲୀପ ପଣ୍ଡା ସୂଚନା ଦେଇଛନ୍ତି।

## ଆଜିଠୁ କାଳିଜାଈଙ୍କ ପୀଠରେ ମକରମେଳା ମହୋତ୍ସବ

କୃଷ୍ଣପ୍ରସାଦ,୧୪।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)



ପାରିକୁଦର ଇଷ୍ଟଦେବୀ ତଥା ରାଜ୍ୟର ପ୍ରମୁଖ ଶକ୍ତିପୀଠ ଭାବେ ପରିଚିତ ମା' କାଳିଜାଈଙ୍କ ପୀଠରେ ସୋମବାରଠାରୁ ମକରମେଳା ମହୋତ୍ସବ ଆରମ୍ଭ ହେବ। ଏହାର ଅବ୍ୟବହିତ ପୂର୍ବରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବମୁଖର ହୋଇଉଠିଛି ଏହି ପୀଠ। ଅନ୍ୟପଟେ ମେଳା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଥିବା ଆଇଆଇସି ବସନ୍ତ କୁମାର ସାହୁ କହିଛନ୍ତି। ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ନିୟୋଜିତ ହୋଇଛନ୍ତି। ଶ୍ରଦ୍ଧାଳୁଙ୍କ ଯାତାୟାତ ନିମନ୍ତେ ଲଞ୍ଚ୍ ଏବଂ ଡଙ୍ଗାର ବ୍ୟବସ୍ଥା କରାଯାଇଛି। ପ୍ରକାଶ ଯେ, ପାରିକୁଦ ରାଜପରିବାରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କାଳିଜାଈ। ପାରିକୁଦ ରାଜାସାହେବ ପଟୁଆରରେ ଆସି ମା'ଙ୍କ ପୂଜାର୍ଚ୍ଚନା କରିବା ସହ ବିଗ୍ରହଙ୍କୁ ଦର୍ଶନ କରିବେ ବୋଲି ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ରାଜବାଟୀ ମଧ୍ୟ ଉତ୍ସବମୁଖର ହୋଇଉଠିଛି।

## ପରିବେଶ ସୁରକ୍ଷା ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଅତିଥିମାନେ 'ଦେବ ବୃକ୍ଷ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବେଗୁନିଆ,୧୪।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ଆଧାତ୍ମିକ ଚିନ୍ତନ ଓ ଲୋକକଳା ପରିଷଦ(ଆସ୍ଥା) ପକ୍ଷରୁ ରବିବାର ପରିବେଶ ସୁରକ୍ଷା ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ସୁଶାନ୍ତ ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ ସମାରୋହରେ ପୁସ୍ତକ ଉନ୍ମୋଚନ, କବିତା ପାଠ, ଚାରା ରୋପଣ ଓ ଲୋକକଳା ପରିବେଷଣ ହୋଇଥିଲା। ସଭାପତି ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଡ. ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାହିତ୍ୟିକ ଡ. ବୈରାଗୀ ଚରଣ ପଟ୍ଟନାୟକ ବକ୍ତା ଭାବେ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ପାଇଁ ସମସ୍ତେ ଗୋଟିଏ ଲେଖାଏ ଚାରା ରୋପଣ କରି ତା'ର ଯତ୍ନ ନେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ଦାଶ ଏବଂ ପ୍ରସନ୍ନ କୁମାର ମଣ୍ଡଳଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୩୦ଜଣ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅତିଥିମାନଙ୍କ ଦ୍ୱାରା 'ଦେବ ବୃକ୍ଷ 'ନାମକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୮ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ବୁଡ଼ିଯାଉଥିବା କଳା, ସଂସ୍କୃତି ଓ ପରମ୍ପରାକୁ ମନେପକାଇବାକୁ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। କଳାକାର ଜିତେନ୍ଦ୍ର କୁମାର ଓଝା ଏବଂ ପ୍ରିୟଙ୍କା ମିଶ୍ର କଳା ପ୍ରଦର୍ଶନ କରିଥିଲେ। ସଭ୍ୟା ପ୍ରତିମା ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଆବାହକ ପ୍ରଭାତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୨୮ରେ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

ବୋଲଗଡ଼,୧୪।୧(ଦେବବ୍ରତ ହୋତା)

ମାଣିକାଗୋଡ଼ାଠାରେ ଶ୍ରୀରାମଚରିତ ମାନସ କମିଟି ପକ୍ଷରୁ ବାର୍ଷିକ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ଏନେଇ କମିଟି ସଭାପତି ରାଧାଚରଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ପାଦକ ଫକୀରମୋହନ ସୁବୁଦ୍ଧି, କୋଷାଧ୍ୟକ୍ଷ କୁବେର ସାହୁ, ଚଣ୍ଡିପାଟଣା ମୌଜା ସଭାପତି ଇଂ.କର୍ପୁର ସାହୁ, କୁମୁଟିସାହି ମୌଜାର ଗୋଲଖ ସ୍ୱାଇଁ, ଶରତ ଦଳାଇ, ଅବାସୀ ରାଉତ, ନୀଳକଣ୍ଠ ପ୍ରଧାନ, ସନ୍ତୋଷ ଦଳାଇଙ୍କ ସମେତ ଦିବ୍ୟ ଜୀବନ ସଂଘର ଶରତ ସୁବୁଦ୍ଧି, ପୀତବାସ ସାହୁ, ଜଗବନ୍ଧୁ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ହାଟସାହି ମୌଜା ସଭାପତି ସୁଶୀଲ ମହାପାତ୍ର, ଉପଦେଷ୍ଟା କୁଳମଣି ବେହେରା ନିଜର ମତ ଉପସ୍ଥାପନା କରିଥିଲେ। ଚଣ୍ଡୀ ମନ୍ଦିର କମିଟି ସଦସ୍ୟ ଅଶୋକ ମହାନ୍ତି ଓ ଅଶୋକ ପୃଷ୍ଟି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୂଜକ ନାରାୟଣ ପଣ୍ଡା ଓ ପୁରୋଧା ବସନ୍ତ ରଥଶର୍ମା, ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର, ବାୟକ ଉଦୟନାଥ ପ୍ରଧାନ ଓ ନୟାଗଡ ଷ୍ଟେଟ ବ୍ୟାଙ୍କ ଅଧିକାରୀ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## 'ବିଦ୍ୟାର୍ଥୀଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରିଥାନ୍ତି ଶିକ୍ଷକ'



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବୋଲଗଡ଼,୧୪।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର କଳାପଥର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମର ଉପନିର୍ଦ୍ଦେଶକ ନିରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୋଲଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଗୋକୁଳ ବଳବନ୍ତରାୟ ସମ୍ମାନିତ ଅତିଥି ଓ ଗଣେଶ୍ୱର ସ୍ୱାଇଁ ମୁଖ୍ୟବକ୍ତାଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରିବାରେ ଉତ୍ତମ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ନେଇ ବିବେକାନନ୍ଦ, ରବୀନ୍ଦ୍ରନାଥ ଟାଗୋର, ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ, ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଉଦାହରଣ ଦେଇଥିଲେ। ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷା କମିଟି ସଭାପତି ରତ୍ନାକର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବ ପାଳନ ଅବସରରେ କ୍ରୀଡ଼ା ପ୍ରତିଯୋଗିତାରେ ଜିତିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରିଥଲେ। ମାଷ୍ଟର ଧ୍ରୁବଚରଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍କୁଲ ଶିକ୍ଷୟିତ୍ରୀ ବୈଜୟନ୍ତିବାଳା ପଣ୍ଡା, ମୀନାକ୍ଷୀ ଶତପଥୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରିବ ସିପିଆଇ

ବୋଲଗଡ଼,୧୪।୧(ଦେବବ୍ରତ ହୋତା)

ବିଭିନ୍ନ ଦାବିରେ ସିପିଆଇ ପକ୍ଷରୁ ବେଗୁନିଆ ଓ ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପିଚୁକୁଳିଠାରେ ଅନୁଷ୍ଠିତ ସଭାରେ କୁହାଯାଇଛି। ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ଅସହାୟଙ୍କୁ ମାସିକ ୫ହଜାର ଟଙ୍କା ଭତ୍ତା, ଘର ନିର୍ମାଣ ପାଇଁ ୫ ଲକ୍ଷ ଏବଂ ଦର ବୃଦ୍ଧି ପ୍ରତିବାଦରେ ଏହି ଘେରାଉ କରାଯିବ। କମ୍ୟୁନିଷ୍ଟ ନେତା କମ୍ରେଡ ବସନ୍ତ କୁମାର ପାଇକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଡା.ପ୍ରଶାନ୍ତ ମିଶ୍ର ଓ ଜୟନ୍ତ ଦାସ, ଉତ୍କଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ,ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, ବିଜୟ କୁମାର ଗୁମାନସିଂ, ଲକ୍ଷ୍ମଣ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ବୈଠକରେ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। ଶେଷରେ ସିକୋ ଶାଖା ସମ୍ପାଦକ ଭକ୍ତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଖାସଂଘ କ୍ରୀଡ଼ା ସଂସଦର ସାଧାରଣ ପରିଷଦ ବୈଠକ

ନିରାକାରପୁର,୧୪।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଚିତ୍ରକୂଟ ପାହାଡ଼ ପାଦଦେଶରେ ଥିବା ମା'ଭୈରବୀଙ୍କ ପୀଠରେ ସଖାସଂଘ କ୍ରୀଡ଼ା ସଂସଦର ସାଧାରଣ ସଭା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂ ସଭାପତିତ୍ୱ କରିଥିଲେ। ଚଳିତବର୍ଷର ଫୁଟ୍‌ବଲ ଟୁର୍ନାମେଣ୍ଟର ଆୟବ୍ୟୟ ହିସାବ କରିବା ସହ ଭାବବିନିମୟ ହୋଇଥିଲା। ଆଗାମୀ ଦିନରେ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟକୁ କିପରି ଅଧିକରୁ ଅଧିକ ପ୍ରସାର କରାଯାଇପାରିବ ସେଥିପ୍ରତି ଆଲୋଚନା ହୋଇଥିଲା। ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ନିଜ ନିଜର ମତାମତ ରଖିଥିଲେ। ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ସମ୍ପାଦକ ଭାଗୀରଥି ପ୍ରଧାନ, ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ହରିବନ୍ଧୁ ସିଂ ପ୍ରମୁଖ ସହଯୋଗ କରିଥିଲେ।

## ମହାବୀର କ୍ଲବ କୁହୁଡ଼ି ବିଜୟୀ

### ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଲିଗ୍ ମ୍ୟାଚ୍

ଗମ୍ଭାରୀମୁଣ୍ଡା,୧୪।୧(ଦିଲୀପ ସ୍ୱାଇଁ)

କ୍ରୀଡ଼ାବିତ୍ ସ୍ୱର୍ଗତ ପ୍ରଶାନ୍ତ କୁମାର ସାହୁଙ୍କ ସ୍ମୃତିରେ ନାରୁଣୀର ୟଙ୍ଗଷ୍ଟାର କ୍ଲବ ଆନୁକୂଲ୍ୟରେ ଗୋଦାବରୀଶ ସରକାରୀ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଲିଗ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ୟଙ୍ଗଷ୍ଟାର କ୍ଲବ ନାରୁଣୀ ଓ କୁହୁଡିର ମହାବୀର ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ମହାବୀର ଫୁଟ୍‌ବଲ କ୍ଲବ ଗୋଟିଏ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ୟଙ୍ଗଷ୍ଟାର କ୍ଲବ କୌଣସି ଗୋଲ ଦେଇପାରି ନ ଥିଲା। ଫଳରେ ୧-୦ ଗୋଲରେ ମହାବୀର ଫୁଟ୍‌ବଲ କ୍ଲବ ବିଜୟୀ ହୋଇଥିଲା। ପ୍ରଶାନ୍ତ କୁମାର ସାହୁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ବିପିନ ସାମନ୍ତରାୟ, ଅନିଲ ସାମନ୍ତରାୟ ଏବଂ ରଞ୍ଜନ କୁମାର ମହାରଥୀ ସହଯୋଗ ଦେଇଥିଲେ। ଅତିଥିଭାବେ ପ୍ରମୋଦ କୁମାର ଦାସ, ଚିତ୍ତ ରଞ୍ଜନ ବିଶ୍ୱାଳ, ନୀଳାଦ୍ରି ଭୂଷଣ ସ୍ୱାଇଁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୟଙ୍ଗଷ୍ଟାର କ୍ଲବର ସମସ୍ତ ସଭ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

## ଟାଇବ୍ରେକରରେ ଜିତିଲା ରଘୁନାଥ ସ୍ପୋର୍ଟ୍ସ କ୍ଲବ



ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଟାଙ୍ଗୀ/ନିରାକାରପୁର,୧୪।୧ (ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଛଣଗିରି ମା' ଭଗବତୀ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୧ତମ ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଟାଙ୍ଗୀର ରଘୁନାଥ ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ସାନ୍ କ୍ଲବ ଓ ରଘୁନାଥ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଉଭୟ ଟିମ୍ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୪-୨ ଗୋଲରେ ରଘୁନାଥ ସ୍ପୋର୍ଟ୍ସ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ, ଚିତ୍ତରଞ୍ଜନ ପରିଡ଼ା ଓ ନୃସିଂହ ଚରଣ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଆମ ଓଡ଼ିଶା ନବୀନ ଓଡ଼ିଶା ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ସଂଯୋଜିକା ଶ୍ରୀମୟୀ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ସହପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ସାମନ୍ତରାୟ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା, ଜିଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ, ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ପୁଷ୍ପ ରଞ୍ଜନ ସାହୁ, ପବିତ୍ର ପାଇକରାୟ, ହୃଷୀକେଶ ରାଉତରାୟ, ସରପଞ୍ଚ ପ୍ରଶାନ୍ତ ବେହେରା, ସ୍ୱଦେଶ ରାଉତରାୟ, ଈପ୍‌ସିତା ସାହୁ, ମାନସ ଦାସ, ସୁଶାନ୍ତ ଗଜେନ୍ଦ୍ର, ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର, ପତିତ ପାବନ ଜେନା, ରମେଶ ନାୟକ, ସୁକେଶ ପରିଡ଼ା, ପପି ପାଇକରାୟ, କାଳିଆ ମାଝି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଶେଖ୍ ଗୋଲାମ ରସୁଲ, ରମାକାନ୍ତ ପଟ୍ଟନାୟକ, କେଳୁଚରଣ ସେଠୀ, ପ୍ରଭାତ ପ୍ରହରାଜ, ସେକ୍ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ଯୋଗେନ୍ଦ୍ର ସାହୁ, ଭାସ୍କର ଭୋଇ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ରଙ୍କନାଥ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ନିରାକାରପୁର,୧୪।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ ସୁନ୍ଦରପୁର ପଞ୍ଚାୟତର ଖେଳପଡ଼ିଆରେ ଚାଲିଥିବା ରଙ୍କନାଥ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ଟାଇଟଲ କ୍ଲବ ଜଟଣୀ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ବିଡ଼ାନାସୀ କ୍ରିକେଟ କ୍ଲବ କଟକ ଏବଂ ଟାଇଟଲ କ୍ଲବ ଜଟଣୀ ମଧ୍ୟରେ ହୋଇଥିଲା। ଟସ୍ ଜିତି ବିଡାନାସୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ଟାଇଟଲ କ୍ଲବ ୧୩ ଓଭରରେ ୪ଟି ଉଇକେଟ ବିନିମୟରେ ୧୧୫ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଦିଲୀପ ସୁନ୍ଦରାୟ ଓ ସୁଶାନ୍ତ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡା ପରସ୍ପର ମଧ୍ୟରେ ସ୍ନେହ, ସମ୍ପର୍କ ଓ ଭାଇଚାରା ଜାଗ୍ରତ କରିଥାଏ ବୋଲି ମହାପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସୁଜିତ ହାଲଦାର, ଘନ ସାହୁ, ଶୁଭକାନ୍ତ ପ୍ରଧାନ, ସତ୍ୟବ୍ରତ ସ୍ୱାଇଁ, ରତିକାନ୍ତ ପରିଡା, ଦୀପକ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ସଂକ୍ଷେପରେ

## ପ୍ରାଣୀ ଚିକିତ୍ସା ଶିବିର

ନିଆଳି, ୧୪।୧ (ସୁକାନ୍ତ କୁମାର ସିଂହ)

ସତ୍ୟସାଇ ସେବା ଗ୍ରୁପ୍ ରାହାମା ଓ ଅଡ଼ଶପୁରସ୍ଥିତ ଚିତ୍ତରଞ୍ଜନ ସେବା ସଦନ ଗରିବ ଜନ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ବାରଗୋଡିଆ ହରଚଣ୍ଡୀ ପୀଠରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଠାରେ ଦିନାସିଂହପାଟଣା, ବାରଗୋଡିଆ, ହରିଶପୁର ମୌଜାର ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ଡା. ଅନିଲ କୁମାର ଦାସ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମିଶ୍ର, ସୁନୀଲ ମନୋହର ପରିଡା, ମୈତ୍ରୀ ରାଜକିଶୋର ଦାସ ଯୋଗଦେଇ ୫୦୦ରୁ ଊର୍ଦ୍ଧ୍ୱ ଗୋରୁ, ମେଣ୍ଢା ଓ ଛେଳିଙ୍କର ଚିକିତ୍ସା କରିଥିଲେ। ରଜନୀକାନ୍ତ ଦାସ, ରାଜେନ୍ଦ୍ର ପ୍ରସାଦ ସାହୁ, ମନୋରଞ୍ଜନ ପରିଡା, ବୈରାଗୀ ଦାସ, ଡା. ଚିତ୍ତରଞ୍ଜନ ମିଶ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଶିବିରରୁ ୫୧ ୟୁନିଟ୍ ରକ୍ତ ସଂଗ୍ରହ

ଚୌଦ୍ୱାର, ୧୪।୧ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୯ନଂ. ୱାର୍ଡ ଅଧୀନ କପାଳେଶ୍ୱର ପଡିଆରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ରକ୍ତଦାତା ସଂଘ ଆନୁକୂଲ୍ୟରେ ଦିବଂଗତ ପୂର୍ବତନ କାଉନସିଲର କରୁଣାକର ସାହୁ ଓ ଯୁବ ସାମାଜିକ କର୍ମୀ ମନୋଜ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ, ଇମ୍ପାର ଜିଏମ୍ ଜି. ଶାରଦା ପ୍ରସାଦ ରାଓ, କାଉନସିଲର ରଙ୍ଗଲତା ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସଂଘ ସଭାପତି ରାଜକିଶୋର ସାମନ୍ତରାୟଙ୍କ ସମେତ ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ।

## ୧୯୯୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଚୌଦ୍ୱାର, ୧୪।୧ (ଆଶୁତୋଷ ଦାସ)

ଚୌଦ୍ୱାର କଲେଜ ୧୯୯୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ସ୍ଥାନୀୟ ଆଦିତ୍ୟ ନେଚର ରିସର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ରହି ଭାବର ଆଦାନ ପ୍ରଦାନ କରିବା ସହିତ ବିଗତ ଦିନର ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଦିବଂଗତ ଛାତ୍ରୀ ପ୍ରତୀମା ସାହୁଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଲୋପାମୁଦ୍ରା ବଳବନ୍ତରାୟ ଓ ସଚ୍ଚିଦାନନ୍ଦ ପାଲଙ୍କ ନେତୃତ୍ୱରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ସନ୍ତୋଷ ପାଣି, ଦେବଦାସ ନରେନ୍ଦ୍ର, ଜ୍ୟୋତ୍ସ୍ନାମୟୀ ପ୍ରଧାନ, ରୀତା ମହାନ୍ତି, ଲୀନା ରଥ, ରେଣୁବାଳା ବିଶ୍ୱାଳ, ବିଷ୍ଣୁପ୍ରିୟା ଜେନା, ଧରିତ୍ରୀ ସିଂ, ଶୁଭସ୍ମିତା ସ୍ୱାଇଁ, ନାରାୟଣ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ, ଖଣ୍ଡଗିରି ଟିମ୍ ଚାମ୍ପିୟନ

ନିଆଳି, ୧୪।୧ (ସୁକାନ୍ତ କୁମାର ସିଂହ)

ନିଆଳି ଥାନା ଅଧୀନ ନରିଶୋ କଣ୍ଟାପଡା ଖେଳପଡିଆରେ ମହାବୀର ସ୍ପୋର୍ଟିଂ କ୍ଲବ୍ ଅନୁକୂଲ୍ୟରେ ଏକ ଦିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ୮ଟି ଟିମ୍ ଅଂଶଗ୍ରହଣ କରିଥିଲା। ଭୁବନେଶ୍ୱରର ଖଣ୍ଡଗିରି ଟିମ୍ ଓ ଅଡ଼ଶପୁର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଅଡ଼ଶପୁର ଟିମ୍‌କୁ ୧-୦ ଗୋଲରେ ହରାଇ ଖଣ୍ଡଗିରି ଟିମ୍ ଚମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡାକ୍ତର ତଥା ଅଭିନେତା ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ରହ୍ମାନନ୍ଦ ସାହୁ, ରାଜେନ୍ଦ୍ର ପ୍ରସାଦ ସାହୁ, ଅନ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ, ନରିଶୋ ସରପଞ୍ଚ କବିତା କାଣ୍ଡି, ବାଲିପାଟଣା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ସୁଦର୍ଶନ ମେମୋରିଆଲ୍ ଟ୍ରଫି ସହ ୬୦୦୦ ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୪୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

# ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

କଟକ/ଭୁବନେଶ୍ୱର, ୧୪।୧ (କାର୍ତ୍ତିକ ସାହୁ/ଅନୁରାଧା ମହାରଣା)



କଟକ ରେଳଷ୍ଟେଶନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**ଭୁବନେଶ୍ୱର, କଟକ ରେଳଷ୍ଟେଶନରେ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କଲେ ରେଳମନ୍ତ୍ରୀ**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଭଦ୍ରକ-ଭୁବନେଶ୍ୱର ରେଳ ସେକ୍ସନ ନିରୀକ୍ଷଣ କରି ନିରାପତ୍ତା, ଟ୍ରାଫିକ ସୁବିଧା ସମୀକ୍ଷା କରିଛନ୍ତି। ରେଳ ସେକ୍ସନ ଅନ୍ତର୍ଗତ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଷ୍ଟେଶନରେ ଚାଲିଥିବା ଭିତ୍ତିଭୂମି କାର୍ଯ୍ୟ ତଦାରଖ କରିଛନ୍ତି। ଏହି ସମୟରେ ସେ ରେଳ ଅଧିକାରୀଙ୍କୁ ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଯାତ୍ରୀଙ୍କ ସୁବିଧା ପାଇଁ ଚାଲିଥିବା କାର୍ଯ୍ୟ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି।

ରେଳମନ୍ତ୍ରୀ ବାଲେଶ୍ୱରରୁ ଭୁବନେଶ୍ୱର ଫେରିବାବେଳେ କଟକ ରେଳଷ୍ଟେଶନରେ ରବିବାର ସନ୍ଧ୍ୟାରେ ଓହ୍ଲାଇଥିଲେ। କଟକ ରେଳଷ୍ଟେଶନ ବିଶ୍ୱସ୍ତରୀୟ ରେଳଷ୍ଟେଶନର ମାନ୍ୟତା ପାଇବ। ଏଥିପାଇଁ ରୂପାନ୍ତରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ବିଶ୍ୱସ୍ତରୀୟ ଷ୍ଟେଶନର ମଡେଲ ଅନୁସାରେ ଏହାର ତ୍ୱରିତ ନିର୍ମାଣ କାର୍ଯ୍ୟର ସମୀକ୍ଷା କରି କରିଛନ୍ତି। କଟକ ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ କରାଯିବା ପାଇଁ କିଛିଦିନ ପୂର୍ବେ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟ ଦେଖି ବହୁତ ଖୁସି ଲାଗୁଛି ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଓଡ଼ିଶା ପ୍ରତି ସଦିଚ୍ଛା ରହିଛି। ବିଶ୍ୱସ୍ତରୀୟ ରେଳଷ୍ଟେଶନର ନିର୍ମାଣ ପରେ ସେଥିରେ ଗୋଟିଏ ବଡ଼ ରୁଫ୍ ପ୍ଲାଜା ରହିବ। ସେଥିରେ ଓଡ଼ିଶା ଖାଦ୍ୟ ସହ ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ସାମଗ୍ରୀଗୁଡ଼ିକର ଷ୍ଟଲ ମଧ୍ୟ ରହିବ। ଏହି ରେଳଷ୍ଟେଶନରେ ଗତ ୧୨ ତାରିଖରେ ଖୋଲିଥିବା ମାଣିଆ ବନ୍ଧ ହସ୍ତଶିଳ୍ପ ଶାଢ଼ି ଷ୍ଟଲ ପରିଦର୍ଶନ କରି କହିଛନ୍ତି, ସେ ମାଣିଆବନ୍ଧ ପରିଦର୍ଶନରେ ଯାଇଥିବାବେଳେ ବୁଣାକାରମାନେ ସେମାନଙ୍କ ହସ୍ତଶିଳ୍ପ ସାମଗ୍ରୀକୁ କଟକ ରେଳଷ୍ଟେଶନରେ ପ୍ରଦର୍ଶନ ପାଇଁ ଏକ ଷ୍ଟଲ ଖୋଲିବାକୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ଗୋଟିଏ ଷ୍ଟେଶନ-ଗୋଟିଏ ଉତ୍ପାଦ ଯୋଜନାରେ ଏହି ଷ୍ଟଲ ଖୋଲିବାକୁ ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରେଳମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ପୂର୍ବତଟ ରେଳୱେର ମହାପ୍ରବନ୍ଧକ ମନୋଜ ଶର୍ମା, ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍. ଏସ୍. ବାଜୱାଙ୍କ ସମେତ ରେଲୱେର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



କଟକ ଶାରଳା ଭବନରେ ହୀରାଖଣ୍ଡ ସାଂସ୍କୃତିକ ସମାଜ ପକ୍ଷରୁ ରବିବାର ଅନୁଷ୍ଠିତ ଭେଟ୍‌ଘାଟ୍ ତିହାର କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ।

## ଦି ରିସର୍ଚ୍ଚର୍ସ ଆସୋସିଏଶନ୍‌ର ଆଲୋଚନାଚକ୍ର

କଟକ, ୧୪।୧ (କାର୍ତ୍ତିକ ସାହୁ)

ଦି ରିସର୍ଚ୍ଚର୍ସ ଆସୋସିଏଶନ୍‌ର ଜାତୀୟ ଆଲୋଚନାଚକ୍ର ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଆର୍. ଡବ୍ଲ୍ୟୁ ଦେଶାଇ, ପ୍ରଫେସର ରାଜୀବ ବର୍ମା ପ୍ରମୁଖ ଟି. ଏସ୍. ଇଲିୟଟଙ୍କ କବିତାରେ ସେକ୍ସପିୟର ଓ ଡବ୍ଲ୍ୟୁ. ବି. ଇଟିଅସ୍‌ଙ୍କ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶୋକ କୁମାର ମହାନ୍ତି, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ସୋନାଲି ଦାସ, ପ୍ରଫେସର ଡ. ସତ୍ୟସିନ୍ଧୁ ଘୋଷ, ଡ. ରିମା ଘୋଷ, ଡ. ଦୋଲନ ରାଏ, ପ୍ରାଧ୍ୟାପକ ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ସେକ୍ସପିୟରଙ୍କ ରଚିତ ବିଭିନ୍ନ ନାଟକ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଫେସର ବିଜୟ କୁମାର ଦାସ, ପ୍ରଫେସର ରାଜ ନାଥ, ପ୍ରଫେସର ସି.ଆର୍. ବିଶ୍ୱେଶ୍ୱର ରାଓ, ଡ. ସୋନାଲି ଦାସଙ୍କ ସମ୍ପାଦିତ ଇଂଲିଶ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ପୁସ୍ତକ ଓ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଡ. ଜ୍ଞାନ ରଞ୍ଜନ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଔପଦା କଲେଜର ପ୍ରାଧ୍ୟାପକ ବ୍ରଜକିଶୋର ପାଢ଼ୀ ବିବରଣୀ ପାଠ ଓ ସୁସ୍ମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଉଜ୍ଜ୍ୱଳ ଦତ୍ତ, ଡ. ବିଲକେସ୍ ପରବିନ୍, ଡ. ପ୍ରଭାତ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭକ୍ତର ଆପଣାପଣରେ ଶ୍ରୀଜଗନ୍ନାଥ ବନ୍ଧା

କଟକ, ୧୪।୧ (କାର୍ତ୍ତିକ ସାହୁ)

ପ୍ରତିଟି ଓଡ଼ିଆଙ୍କ ହୃଦୟରେ ଶ୍ରୀଜଗନ୍ନାଥ ଅଛନ୍ତି। ସମସ୍ତେ ତାଙ୍କୁ ନିଜ ଜୀବନର ଅଂଶ ବୋଲି ଭାବିଥାନ୍ତି। ଭକ୍ତର ଆବେଗ ଓ ଆପଣାପଣରେ ସେ ବନ୍ଧା ବୋଲି ଗପଘର ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ କଥା ଆସରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଚାଉଳିଆଗଞ୍ଜସ୍ଥିତ ମଦନମୋହନ ମଠରେ ରବିବାର ଆୟୋଜିତ ମୋ ଦୃଷ୍ଟିରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ରରେ ଆଧ୍ୟାତ୍ମିକ ସାଧକ ବ୍ରହ୍ମଚାରୀ ସତ୍ୟଚୈତନ୍ୟ, ଗ୍ରନ୍ଥକାର ପଣ୍ଡିତ ଚୈତନ୍ୟ କୁମାର ସାହୁ, ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ଓ ଶିକ୍ଷାବିତ୍ ଡ. ଗୌରୀଶଙ୍କର ସାହୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅଜୟ ମିଶ୍ର ଓଡ଼ିଆ ସଂସ୍କୃତି ଜଗନ୍ନାଥ ଚେତନା ଦ୍ୱାରା ପ୍ରଭାବିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଗବେଷକ ରମେଶ ରଥ ଯୋଗଦେଇଥିଲେ। ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ସଭାପତିତ୍ୱ କରିଥିଲେ। କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରୀଜଗନ୍ନାଥ କଥା କାର୍ଯ୍ୟକ୍ରମରେ ନାଇଜରର କୁଳସଚିବ ଡ. ଅଭୟ ନାୟକ, ଗାଳ୍ପିକ ରଜତରଶ୍ମି ସ୍ୱାଇଁ ସ୍ୱରଚିତ ଗପ ପାଠ କରିଥିଲେ। ଏହି ଅବସରରେ ପଣ୍ଡିତ ଚୈତନ୍ୟ କୁମାର ସାହୁ ଓ ଚିରଞ୍ଜୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ଦେବବ୍ରତ ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ରାଜେଶ କୁମାର ପତି ଧନ୍ୟବାଦ ଦେଇଥିଲେ।



ଶ୍ରୀଜଗନ୍ନାଥ କଥା ଆସରରେ ଉପସ୍ଥିତ ଅତିଥିବୃନ୍ଦ।

## ମାନବ ସେବା ହିଁ ମାଧବ ସେବା

ସାଲେପୁର, ୧୪।୧ (ଅରବିନ୍ଦ ଭୂୟାଁ)

ସାଲେପୁର ମଧୁମଣ୍ଡପଠାରେ ଦୁଃଖିଶ୍ୟାମ ବୃଦ୍ଧାଶ୍ରମର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ବିରଞ୍ଚି ନାରାୟଣ କର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇ ଦୁଃଖିଶ୍ୟାମ ବାଳାଶ୍ରମର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ କଥାକାର ଡ. ମନୋଜ ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶଶଧର ପଣ୍ଡା, ସୁକୁମାର ସାମଲ, କାହ୍ନୁଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଅଜୟ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ।

## ସଂଘର ସୁଦୃଢ଼ୀକରଣ ପାଇଁ କାର୍ଯ୍ୟ କର



କଟକ, ୧୪।୧ (କାର୍ତ୍ତିକ ସାହୁ)

**ବାଦାମବାଡ଼ି ଖବରକାଗଜ ବିତରକ ସଂଘର ସାଧାରଣ ସଭା**

ବାଦାମବାଡ଼ି ଖବରକାଗଜ ବିତରକ ସଂଘର ଏକ ସାଧାରଣ ସଭା ପୁରୁଣା ଏଲ୍‌ଆଇସି କଲୋନୀ କମ୍ୟୁନିଟି ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଜେନା ସ୍ୱାଗତ ଭାଷଣ ଓ ସମ୍ପାଦକ ରାଧେଶ୍ୟାମ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭ୍ୟମାନେ ଏକାଠି ହୋଇ ବିଭିନ୍ନ ସମସ୍ୟା ସମାଧାନ କରିବା ସହ ସଂଘର ସୁଦୃଢ଼ୀକରଣ ଦିଗରେ କାର୍ଯ୍ୟ କରିବାକୁ ସଭାପତି ସାହୁ ପରାମର୍ଶ ଦେଇଥିଲେ। ସଂଘର ଦେବବ୍ରତ ସାମଲ, ସୁରେନ୍ଦ୍ର ସେଠୀ, ହୃଷୀକେଶ ଗାଣ୍ଟିଆ, ହେମନ୍ତ ସ୍ୱାଇଁ, ହରିହର ବେହେରା, ଅକ୍ଷୟ କୁମାର ଦାଶ, ରତ୍ନାକର ଦାସ, ସଞ୍ଜୟ ସାମଲ, ଏମ୍. ରାମାରାଓ, ବିଶ୍ୱନାଥ ବେହେରା, ଦୀନବନ୍ଧୁ ବେଉରା ପ୍ରମୁଖ ମତ ଉପସ୍ଥାପନ କରିଥିଲେ।

# 'ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆନନ୍ଦ ମିଳେ'

କଟକ, ୧୪।୧ (କାର୍ତ୍ତିକ ସାହୁ)

କଟକ ଜିଲା ବ୍ରାହ୍ମଣ ମହାସଭାର ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ କହ୍ନେଇପୁରସ୍ଥିତ ଆମ୍ରପଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ନରସିଂହ ମହାପାତ୍ର ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆନନ୍ଦ ମିଳେ ବୋଲି କହିଛନ୍ତି। ସଭାପତି ପ୍ରମୋଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପୋଲିସ ପ୍ରଶାସକ କୈଳାସ ଚନ୍ଦ୍ର ମିଶ୍ର ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଅଣସର ଗୁପ୍ତ ସେବା, ମହାପ୍ରସାଦର ପ୍ରସ୍ତୁତି ଓ ସମର୍ପଣ ତତ୍ତ୍ୱ ସମ୍ପର୍କ କହିଥିଲେ। ସେହିପରି ପ୍ରବଚକ ନିରଞ୍ଜନ ପାଢ଼ୀ ରାମଚରିତ ମାନସ କାବ୍ୟର ଶ୍ରୀରାମ ଓ ଭକ୍ତ ହନୁମାନଙ୍କର ମହନୀୟତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗାୟତ୍ରୀ ଶତପଥୀ, ଅରୁନ୍ଧତୀ ମିଶ୍ର, ଅରୁଣା ସାମନ୍ତରାୟ, ପ୍ରେମଲତା ଆଚାର୍ଯ୍ୟ, କବିତା ମିଶ୍ର, ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଆସନ୍ତା ୨୨ରେ ହେବାକୁ ଥିବା ଅଯୋଧ୍ୟାରେ ରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ବ୍ରାହ୍ମଣ ମହାସଭା ତରଫରୁ ଧ୍ୱଜା ଧାରଣ ପୂର୍ବକ ନଗର ପରିକ୍ରମା ଓ ସାମୁହିକ ଦୀପଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈକୁଣ୍ଠ ନାଥ ଆଚାର୍ଯ୍ୟ, ମୂରଲୀଧର ହୋତା, ସୁଜିତାଭ ଶତପଥୀ, ଯଦୁନାଥ ମହାପାତ୍ର, ବିଦ୍ୟାଧର ଶତପଥୀ, ନିବାସ ଚନ୍ଦ୍ର ମିଶ୍ର, ହିମାଂଶୁ ଷଡ଼ଙ୍ଗୀ, କୀର୍ତ୍ତିଧନ ତ୍ରିପାଠୀ, ଗୀତା ଚଇନି, ଶୋଭାନା ଦାଶଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

## ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଖୁଣ୍ଟୁଣୀ, ୧୪।୧ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ନୂଆବଜାର ରାସ୍ତା ପାର୍ଶ୍ୱରେ ରବିବାର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ନୂଆବଜାର ଅଞ୍ଚଳର ଗୌରୀବାଳା ବେହେରାଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ପ୍ରକାଶ ବେହେରା ଗୁରୁତର ହୋଇ ଆଠଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନାରେ ପ୍ରକାଶ ଡ୍ରେସର ଭାବେ କାର୍ଯ୍ୟ କରନ୍ତି। ଗୌରୀବାଳା ଓ ପ୍ରକାଶ ଏକ ସ୍କୁଟିରେ ଘରୁ କଟକ ଯାଉଥିଲେ। ଖୁଣ୍ଟୁଣୀ ନୂଆବଜାର ନିକଟରେ ନିର୍ମାଣାଧୀନ ରାସ୍ତା ଉପରକୁ ଉଠିଲା ବେଳକୁ ପଛଚକ ଖସିଯିବାରୁ ଗୌରୀ ତଳେ ପଡିଯାଇଥିଲେ। ଏହି ସମୟରେ ଖୁଣ୍ଟୁଣୀ ପଟୁ ଯାଉଥିବା ଏକ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରକାଶ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଚାଳକ ଟ୍ରକ୍ ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ଉକ୍ତ ଟ୍ରକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

# ଧାନମଣ୍ଡିରେ ଅନିୟମିତତା, ଚାଷୀ ଅସନ୍ତୁଷ୍ଟ

କଟକ ସଦର, ୧୪।୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ସେବା ସମବାୟ ସମିତିର ଧାନମଣ୍ଡି ଶନିବାରଠାରୁ ଖୋଲିଛି। ଆସନ୍ତା ମାର୍ଚ୍ଚ ଶେଷ ସପ୍ତାହ ପର୍ଯ୍ୟନ୍ତ ଏହା ଚାଲିବ। ହେଲେ ପ୍ରଥମ ପାଳି ଧାନ କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ଯୋଗାଣ ବିଭାଗ ନିକଟରେ ଚାଷୀମାନେ ମଙ୍ଗଳବାର ଅଭିଯୋଗ ପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ଶନିବାର ମିଲର୍ କୁଇଣ୍ଟାଲ ପିଛା ସାଢେ ୪ କିଲୋ କଟ୍‌ନୀ ଛଟ୍‌ନୀ କରିଥିବା ଜଣାପଡ଼ିଛି। ଏପରି କି ଓଜନରେ ମଧ୍ୟ ଠକେଇ ହୋଇଛି। ୫୦୦ ଗ୍ରାମ ପର୍ଯ୍ୟନ୍ତ ଓଜନକୁ ହିସାବରେ ନିଆଯାଇନାହିଁ। ଯଦି ଜଣେ ଚାଷୀଙ୍କର ଗୋଟିଏ ଅଖାରେ ୪୦ କିଲୋ ୪୦୦ ଗ୍ରାମ୍ ଧାନ ଥିବ ତା' ହେଲେ ୪୦୦ ଗ୍ରାମ୍ ହିସାବକୁ ନିଆଯାଉ ନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡା ଚାଷୀମାନେ ମଣ୍ଡିରେ ବସିବା ପାଇଁ ଛାମୁଡ଼ିଆ ସହ ଚୌକି ବ୍ୟବସ୍ଥା ନାହିଁ। ଏହି ସମବାୟ ସମିତିର ନିୟନ୍ତ୍ରଣ ପଡୋଶୀ ଜଗତ୍‌ସିଂହପୁର ଜିଲାର ରଘୁନାଥପୁର ବ୍ଲକ ଅଧୀନରେ ରହିଛି। ତେଣୁ ଚାଷୀମାନେ ଠିକ୍ ସମୟରେ ଅଭିଯୋଗ କରିବାରେ ଅସମର୍ଥ ହେଉଛନ୍ତି। ଏ ସମ୍ପର୍କରେ ସମିତି ସଭାପତି ସେଖ୍ ଇଲିୟାସ ଅଲ୍ଲୀ କହିଛନ୍ତି, ପ୍ରଥମ ପାଳି ହୋଇଥିବାରୁ ଯାହାକିଛି ତ୍ରୁଟି ରହିଛି, ତାହା ପରବର୍ତ୍ତୀ ସମୟରେ ସୁଧାରିବା ପାଇଁ ଉଦ୍ୟମ କରାଯିବ। ଏହାଛଡା କଟ୍‌ନୀ ଛଟ୍‌ନୀ ନେଇ ଚାଷୀମାନଙ୍କ ସହିତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। କାରଣ ମିଲର୍ କଞ୍ଚା ଧାନ ପାଇଁ କାଟ ନ ନେଲେ କିଣିବା ପାଇଁ ଅମଙ୍ଗ ହୋଇଥିଲେ। ବୁଢ଼ାପୀରଙ୍କ ନିକଟରେ ଥିବା ଏକ ପିଣ୍ଡିରେ ଚାଷୀମାନେ ମଣ୍ଡି ପାଳିରେ ବସାଉଠା କରୁଛନ୍ତି। ମାତ୍ର ସିସିଟିଭି ନ ଲାଗିବା ସମ୍ପର୍କରେ ସେ ପ୍ରତିକ୍ରିୟା ଦେଇନାହାନ୍ତି।



ନେତାଜୀ ଜୟନ୍ତୀ ଉପଲକ୍ଷେ ଏଆଇଡିଏସ୍‌ଓ ପକ୍ଷରୁ ରେଲୱେ ସେଟେଲମେଣ୍ଟ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତା।



କଟକ ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବରେ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ପକ୍ଷରୁ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ, ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ, ବାଣୀବିହାର ମୁଖ୍ୟ ଫାଟକ ପାଖ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା।
- ଆଇନାର ରୌପ୍ୟଜୟନ୍ତୀ, ଜିକେସିଏମ୍, ପୂର୍ବାହ୍ନ ୧୦ଟା ୧୫।
- ବିଜେଇମ୍ ସ୍କୁଲର ୫୧ତମ ପ୍ରତିଷ୍ଠା ଦିବସ, ସ୍କୁଲ ପରିସର, ଅପରାହ୍ନ ୨ଟା ୩୦।
- ପୋଷ୍ଟର ପୋଏମ୍, ଜେଡି ସେଣ୍ଟର ଅଫ୍ ଆର୍ଟ, ଅପରାହ୍ନ ୪ଟା।
- ବ୍ୟାସକବି ଫକୀରମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ କବିତା ପାଠୋତ୍ସବ, ସୂଚନା ଭବନ, ଅପରାହ୍ନ ୩ଟା ଓ ସାଧାରଣ ସଭା, ଅପରାହ୍ନ ୫ଟା ୩୦।
- ନାରାୟଣ ନୃତ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୩୦।

**ବାଲିଅନ୍ତା**

- ମା' ଚମ୍ପାଦେଈଙ୍କ ପୀଠରେ ମକର ମେଳା ଓ ୫୫ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ବଇଁଚୁଆସ୍ଥିତ ପୀଠ ପରିସର, ଅପରାହ୍ନ ୫ଟା।
- ଭାଗବତ ପଠନ ଓ ପ୍ରବଚନ, ନହରକଣ୍ଟା (ଖ)ସ୍ଥିତ ମାରୁତି ମଣ୍ଡପ ପରିସର, ରାତି ୭ଟା।

**କଟକ**

- ଶରତ ସାହିତ୍ୟ ଟ୍ରଷ୍ଟର ଅଷ୍ଟାଦଶତମ ପ୍ରତିଷ୍ଠା ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା
- ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ଦ୍ୱାତ୍ରିଂଶ ବାର୍ଷିକ ଅଖଣ୍ଡ ଭଜନ ମହୋତ୍ସବ ଅବସରରେ ସମ୍ମାନ ପ୍ରଦାନ ସମାରୋହ, ଦୋଳମୁଣ୍ଡେଇ ଛକ, ସନ୍ଧ୍ୟା ୭ଟା।

**ବଡ଼ମ୍ବା**

- ସଦର ମହକୁମା ବଡ଼ମ୍ବାରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ବଡ଼ମ୍ବା ତହସିଲ କାର୍ଯ୍ୟାଳୟ, ସକାଳ ୯ଟା।
- ସିଂହନାଥ ଦେବଙ୍କ ୩ ଦିନିଆ ପ୍ରସିଦ୍ଧ ମକରମେଳା ଶୁଭାରମ୍ଭ, ସିଂହନାଥ ଦେବ ମନ୍ଦିର ପରିସର, ପୂର୍ବାହ୍ନ ୧୧ଟା।

## ଚୋରିକରି ପଶ୍ଚିମବଙ୍ଗ ଯୁବକ ଗିରଫ

**ଭୁବନେଶ୍ୱର,୧୪।୧(ସୂର୍ଯ୍ୟକାନ୍ତ ବେହେରା):** ପାନ ଦୋକାନରୁ ଚୋରି କରି ଫେରାର ହେଉଥିବା ବେଳେ ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ନିସ୍ତୁକ ମାଡ଼ ମାରିବା ସହ ଶହୀଦନଗର ଥାନା ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ହେଲେ କଟକରେ ରହୁଥିବା ପଶ୍ଚିମବଙ୍ଗର ସମିରୁଲ ସେକ୍। ତାଙ୍କଠାରୁ ପୋଲିସ ୪ ହଜାର ଟଙ୍କା ଓ ଚୋରି ସାମଗ୍ରୀ ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ସମିରୁଲ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଶ୍ରେଷ୍ଠ ୩ ଚଳଚ୍ଚିତ୍ର ପୁରସ୍କୃତ

### ଆଓରେ ଚିତ୍ରାଞ୍ଜଳୀ ଉତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୧୪।୧(ଶର୍ମିଷ୍ଠା ପାଣିଗ୍ରାହୀ):** ଆର୍ଟିଷ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶା(ଆଓ) ପକ୍ଷରୁ ଚାଲିଥିବା ଚିତ୍ର ଓ ଚଳଚ୍ଚିତ୍ର ଉତ୍ସବ 'ଚିତ୍ରାଞ୍ଜଳି' ରବିବାର ଏକାମ୍ର ହାଟଠାରେ ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ଗବେଷକ ଜଗନ୍ନାଥ ଦାସ, ବରିଷ୍ଠ ଶିଳ୍ପୀ ସୁବ୍ରତ କୁମାର ମଲ୍ଲିକ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ, ଆଓ ସଭାପତି ଜନପ୍ରିୟ ଦେବତା, ଉପଦେଷ୍ଟା ନିଗମାନନ୍ଦ ସ୍ୱାଇଁ, ମୀନକେତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରେଷ୍ଠ ୩ ଚଳଚ୍ଚିତ୍ରକୁ ପୁରସ୍କାର ଦିଆଯାଇଥିଲା। ପବ୍ଲିକ ଚଏସ୍‌ରେ ଫିଲ୍ମ 'ଶିଖା ସଳିତା', ଶ୍ରେଷ୍ଠ ଚଳଚ୍ଚିତ୍ର ଶିଳ୍ପୀ ବିନୋଦ ବିହାରୀ ରାଉତରାୟ ଓ ଶ୍ରେଷ୍ଠ ନିର୍ଦ୍ଦେଶନାରେ ଫିଲ୍ମ 'କଂସାରୀ' ପୁରସ୍କୃତ ହୋଇଥିଲା। ସେହିପରି ଶନିବାର ଚିତ୍ର ପାଇଁ 'ଗୋକୁଳ ବିହାରୀ ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ପଟ୍ଟଚିତ୍ର କାରିଗର ଗୁରୁ ନରହରି ଭୋଇ, 'ବଂଶୀଧର ପାତ୍ର ସ୍ମୃତି ସମ୍ମାନ'ରେ ଜଳରଙ୍ଗ ବିଶାରଦ ନିତ୍ୟାନନ୍ଦ ସାହୁ, 'ଡି.ଏନ୍. ରାଓ ସ୍ମୃତି ସମ୍ମାନ'ରେ ଅଧ୍ୟାପକ ତ୍ରିନାଥ ମହାନ୍ତି, 'ଲଲାଟ ମୋହନ ପଟ୍ଟନାୟକଙ୍କ ସ୍ମୃତି ସମ୍ମାନ'ରେ ବିଶିଷ୍ଟ ଡିଜାଇନର ସୁଧାକର ବିଶ୍ୱାଳ ଓ 'ବ୍ୟୋମକେଶ ମହାନ୍ତି ସ୍ମୃତି ସମ୍ମାନ'ରେ ସମକାଳୀନ ମୂର୍ତ୍ତିକାର ନିତ୍ୟାନନ୍ଦ ଓଝାଙ୍କୁ ସମ୍ମାନିତ କରାଯାଇଥିଲା। ଉପସଭାପତି ଚିନ୍ତାମଣି ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



କୃଷି ଓଡ଼ିଶା-୨୦୨୪ର ଉଦ୍‌ଯାପନ ଅବସରରେ ରବିବାର ପୁରସ୍କୃତ ଚାଷୀଙ୍କ ସହ ରାଜ୍ୟପାଳ ରଘୁବର ଦାସ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

# କୃଷି କ୍ଷେତ୍ରରେ ମହିଳା ଦୁଇପାଦ ଆଗରେ

### 'କୃଷି ଓଡ଼ିଶା-୨୦୨୪' ଉଦ୍‌ଯାପିତ

**ଭୁବନେଶ୍ୱର, ୧୪।୧(ଅସମାପିକା ସାହୁ)**

କୃଷି କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଦୁଇପାଦ ଆଗକୁ ଯାଇ କାମ କରୁଛନ୍ତି। କୃଷି, ପ୍ରାଣୀପାଳନ, ମତ୍ସ୍ୟଚାଷ ଆଦି ସବୁଥିରେ ମହିଳାମାନେ ଅଗ୍ରଣୀ ଭୂମିକା ନିର୍ବାହ କରି ରାଜ୍ୟର ବିକାଶରେ ସେମାନଙ୍କ ଯୋଗଦାନକୁ ପ୍ରତିପାଦନ କରିଛନ୍ତି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ରବିବାର ଜନତା ମଇଦାନଠାରେ ଚାଲିଥିବା କୃଷି ଓଡ଼ିଶା-୨୦୨୪ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା କୃଷିକୁ ଏକ ନୂତନ ଶିଖରରେ ପହଞ୍ଚାଇବା ପାଇଁ କୃଷକମାନଙ୍କ ନିକଟରେ ସାମର୍ଥ୍ୟ ରହିଛି ବୋଲି କହିଥିଲେ। ମହିଳା ଚାଷୀମାନଙ୍କୁ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ବ୍ୟବହାର କରିବା ଲାଗି ଆହ୍ୱାନ ଦେବା ସହ ନିଜ ଉତ୍ପାଦର ଭଲ ପ୍ୟାକେଜିଂ ଓ ମାର୍କେଟିଂ କରିବା ଉପରେ ଧ୍ୟାନ ଦେବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ କହିଛନ୍ତି।



ପ୍ରଦର୍ଶନୀରେ ପ୍ରଦର୍ଶିତ କୃଷି ଯନ୍ତ୍ରପାତି ସହ ମହିଳାମାନେ।

ଏହି ଅବସରରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତ, ସବଡିଭିଜନ ସ୍ତରରେ ଆୟୋଜନ କରାଯାଇଥିବା ମେଳା ବେଶ ସଫଳ ହୋଇଛି। ପ୍ରାୟ ୧୪୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି କାରବାର ସହ ୫୦୦ କୋଟି ଟଙ୍କାର ସବ୍‌ସିଡି ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଜଳ ବିନା ଚାଷ କାମ ହୋଇପାରିବନି। ତେଣୁ ଜଳ ସମ୍ପଦ ବିଭାଗ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାର ମହିଳାଙ୍କ ଉନ୍ନତିକୁ ପ୍ରାଥମିକତା ଦେଉଥିବାବେଳେ ସେମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ଅର୍ଥନୀତିର ପ୍ରତିଟି କ୍ଷେତ୍ରରେ ସେମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। କୃଷି ଓ କୃଷକ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, କୃଷି କ୍ଷେତ୍ରର ନିରନ୍ତର ରୂପାନ୍ତରଣ ପାଇଁ ମହିଳାଙ୍କ ଯୋଗଦାନ ନିତାନ୍ତ ଆବଶ୍ୟକ। ସେମାନଙ୍କ ଯୋଗଦାନ ବିନା ଏହି କ୍ଷେତ୍ରର ପ୍ରଗତି ଅସମ୍ଭବ। ଏହି ଅବସରରେ ରାଜ୍ୟପାଳ ବିଭିନ୍ନ ଜିଲାର ସଫଳ ଚାଷୀ, ଶ୍ରେଷ୍ଠ ପ୍ରଦର୍ଶନକାରୀ ଷ୍ଟଲ ଏବଂ କୁଇଜ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଷ୍ପ ପ୍ରଦର୍ଶନୀରେ ଓଏମ୍‌ସି ଉଦ୍ୟାନ କୃଷି ଦଳ ଚାମ୍ପିୟନ



**ଭୁବନେଶ୍ୱର,୧୪।୧ (ଅନୁରାଧା ମହାରଣା)**

ରାଜ୍ୟ ସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉତ୍ସବରେ ଓଡ଼ିଶା ଖଣି ନିଗମ(ଓଏମସି)ର ଉଦ୍ୟାନ କୃଷି ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଚାମ୍ପିୟନ ହୋଇଥିବା ଓଏମସି ଟିମ୍ କ୍ୟାମ୍ପସ -୧ ମଧ୍ୟମ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଜିତି ସଫଳତା ହାସଲ କରିଥିବା ବେଳେ କ୍ୟାମ୍ପସ-୨ ବୃହତ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ମଧ ପ୍ରଥମ ପୁରସ୍କାର ହାସଲ କରିଛି। ଭୁବେନଶ୍ୱରରେ ଥିବା ରିଜଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର (କ୍ଷେତ୍ରୀୟ ବୃକ୍ଷ ସଂଶାଧନ କେନ୍ଦ୍ର) ଦ୍ୱାରା ଆୟୋଜିତ ହୋଇଥିବା ଏହି ରାଜ୍ୟ ସ୍ତରୀୟ ପୁଷ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମ ୨ ଦିନ ଏକାମ୍ର କାନନରେ ଥିବା ବଟାନିକ ଗାର୍ଡେନରେ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜୟୀଦଳକୁ ସମ୍ମାନିତ କରିଥିଲେ। ସୂଚନାଥାଉ କି, ଓଡ଼ିଶା ଖଣି ନିଗମ ବାର୍ଷିକ ପୁଷ୍ପ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ମୋଟ ୫୪ ଟି ପୁରସ୍କାର ହାତେଇବାରେ ସଫଳ ହୋଇଛି।

## ୨୧ରେ କଳାଭୂମିଠାରେ ହେବ ପଥଉତ୍ସବ

**ଭୁବନେଶ୍ୱର, ୧୪।୧ (ବନ୍ଦନା ସେଠୀ)**

ଚଳିତ ବର୍ଷର ଶେଷ ପଥଉତ୍ସବ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଦକ୍ଷିଣ ପଶ୍ଚିମ ଜୋନ୍‌ର କଳାଭୂମିଠାରୁ ମଧୁସୂଦନ ଦାସ ପାର୍କ ପର୍ଯ୍ୟନ୍ତ ସ୍ଥାନକୁ ଚିହ୍ନଟ କରାଯାଇଛି। ପୂର୍ବରୁ କେବଳ ଜନପଥରେ ଅର୍ଥାତ୍ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ପଥ ଉତ୍ସବ ଅନୁଷ୍ଠିତ ହେଉଥିଲା। ମାତ୍ର ଗତବର୍ଷଠାରୁ ଏହାକୁ ଆହୁରି ବ୍ୟାପକ କରିବା ଆଶାରେ ଭୁବନେଶ୍ୱରର ୩ଟି ଜୋନ୍‌ରେ ପାଳନ କରାଯାଉଛି। ଗତବର୍ଷ ଭଳି ଏଥର ମଧ ଜନପଥ ଏବଂ ଶିଖରଚଣ୍ଡୀଠାରେ ପଥଉତ୍ସବ ଆୟୋଜନ କରାଯାଇଥିବାବେଳେ କେବଳ ଦକ୍ଷିଣ ପଶ୍ଚିମ ଜୋନ୍ ପାଇଁ ସମସ୍ୟା ଦେଖା ଦେଇଥିଲା। ରଥରୋଡ୍‌ଠାରେ ଗତଥର କାର୍ଯ୍ୟକ୍ରମ କରାଯାଇଥିବାବେଳେ ଏଥର ସେଠାରେ ରାସ୍ତା କାମ ଚାଲିଥିବାରୁ ସ୍ଥାନ ପରିବର୍ତ୍ତନ କରାଯାଇଛି। କଳାଭୂମିଠାରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ପଥ ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# 'ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ହେଉ'

### ଅଲ୍ ଓଡ଼ିଶା ବାର୍ ଆସୋସିଏଶନ୍ ସମ୍ମିଳନୀ

**କଟକ,୧୪।୧ (କାର୍ତ୍ତିକ ସାହୁ)**

ରାଜ୍ୟରେ କାର୍ଯ୍ୟରତ ଆଇନଜୀବୀମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ବିଭିନ୍ନ ସୁବିଧା, ସୁଯୋଗ ଯୋଗାଇ ଦିଆଯିବା ନିତାନ୍ତ ଆବଶ୍ୟକ। ସର୍ବୋପରି ଆଇନଜୀବୀମାନଙ୍କ ସୁରକ୍ଷା ପାଇଁ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ହେଉ। କୌଣସି ଆଇନଜୀବୀଙ୍କୁ ବାର୍ ଆସୋସିଏଶନ୍ ଅଥବା ରାଜ୍ୟ ବାର୍ କାଉନ୍‌ସିଲ୍‌ର ବିନା ଅନୁମତିରେ ପୋଲିସ ଯେପରି ଆରେଷ୍ଟ କରି ନ ପାରିବ ସେନେଇ ସରକାର ଆଇନ ପ୍ରଣୟନ କରନ୍ତୁ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ବାର୍ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଅଲ୍ ଓଡ଼ିଶା ବାର୍ ଆସୋସିଏଶନ ସମ୍ମିଳନୀରେ ବକ୍ତାମାନେ ଉପରୋକ୍ତ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।





ସମ୍ମିଳନୀରେ ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକ ବକ୍ତବ୍ୟ ଦେଉଛନ୍ତି।

ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ଏଥିରେ ଯୋଗଦେଇ କହିଛନ୍ତି, ଆଇନଜୀବୀମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଓ ପେନ୍‌ସନ୍ ସରକାର ଯୋଗାଇ ଦିଅନ୍ତୁ। ହାଇକୋର୍ଟ ବାର୍ ଆସୋସିଏଶନ୍ ସଭାପତି ଧରଣୀଧର ନାୟକ ଅଧ୍ୟକ୍ଷତା କରି ସବୁ ବାର୍ ଆସୋସିଏଶନ୍ ନିମନ୍ତେ ପାଠାଗାର ଓ ନିଜସ୍ୱ ଜମି ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି କହିଥିଲେ। ଆବାହକ ତଥା ବାର୍ ଆସୋସିଏଶନ୍ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ଆଇନଜୀବୀଙ୍କ ସମସ୍ୟା ସମ୍ପର୍କରେ ଷ୍ଟେଟ ବାର୍ କାଉନ୍‌ସିଲ ଅଫ୍ ଓଡ଼ିଶା, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ରାଜ୍ୟ ସରକାର ଓ ଭାରତ ସରକାରଙ୍କୁ ଅବଗତ କରାଯିବ ବୋଲି ସୂଚନା ଦେଇଥିଲେ। ସମ୍ବଲପୁର ଆଇନଜୀବୀମାନଙ୍କ ସମ୍ପର୍କିତ ମାମଲାରେ ସୁପ୍ରିମକୋର୍ଟ ଯିବାକୁ ଯୋଜନା କରାଯାଉଥିବା ସେ କହିଛନ୍ତି। ବିଭିନ୍ନ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ରାଜ୍ୟ ବାର୍ କାଉନ୍‌ସିଲ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମିଳନୀରେ ରାଜ୍ୟର ୬୩ଟି ବାର୍ ଆସୋସିଏଶନ୍‌ର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ୍ ଉପସଭାପତି ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭେନ୍ଦୁ



@ ଅଭିଷେକ



@ କୈଳାଶ



@ ରୋହନ



@ ଶୀତାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଫେବୃଆରୀ ୧୬ରୁ ମହାକୁମ୍ଭ ମେଳା

### ରାଜ୍ୟ ସରକାର ଖର୍ଚ୍ଚ ବହନ କରନ୍ତୁ

**ଭୁବନେଶ୍ୱର,୧୪।୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଆସନ୍ତା ଫେବୃଆରୀ ୧୬ରୁ ୨୪ ପର୍ଯ୍ୟନ୍ତ ଐତିହ୍ୟ ଖଣ୍ଡଗିରି ପାହାଡ଼ ପାଦଦେଶରେ ମହାକୁମ୍ଭମେଳା ଅନୁଷ୍ଠିତ ହେବ। ଏନେଇ ଉତ୍କଳ ପଞ୍ଚସଖା ଭାଗବତ ଆଖଡ଼ା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସହ ଖବରଦାତା ସମ୍ମିଳନୀ ଅନାଦି ମଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରି ଓଁ ବାବା, ବାବା କାଳୀ ଚରଣ ଦାସ, ପ୍ରଫୁଲ୍ଲ ପାଢ଼ୀ ଓ ମହାନିତ୍ୟ ପଦ୍ମଦଳର ଉପ ସଭାପତି ବାବା କ୍ରିଷ୍ଣଗିରି ଯୋଗଦେଇ କୁମ୍ଭମେଳା ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତୁ ବୋଲି କହିଛନ୍ତି। ଭାରତର ବିଭିନ୍ନ ସ୍ଥାନରେ କୁମ୍ଭମେଳା ହେଉଛି। ଆଲ୍ଲାହାବାଦ, ନାସିକ, ଉଜୟିନୀ, ହରିଦ୍ୱାର, ରାଜସ୍ଥାନ ଆଦି ସ୍ଥାନରେ ହେଉଥିବା କୁମ୍ଭମେଳାରେ ସାଧୁସନ୍ଥଙ୍କ ରହିବା, ଖାଇବା, ବସ୍ତ୍ରଦାନ, ଦକ୍ଷିଣା, ହୋମଯଜ୍ଞ ଇତ୍ୟାଦି ସେବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଖର୍ଚ୍ଚ ସ୍ଥାନୀୟ ରାଜ୍ୟ ସରକାର ବହନ କରିଆସୁଅଛନ୍ତି। ପରିଷ୍କାର, ସ୍ୱଚ୍ଛ ସ୍ନାନ, ଆଲୋକ ସଜ୍ଜା, ଛାମୁଣ୍ଡିଆ, ସାସ୍ଥ୍ୟସେବା ଇତ୍ୟାଦି ମଧ୍ୟ ଯୋଗାଇ ଦିଆଯାଉଛି। କିନ୍ତୁ ସାଧୁସନ୍ଥଙ୍କ ପାଇଁ ଖଣ୍ଡଗିରି ମହାକୁମ୍ଭମେଳା ହରିଓମ୍ ବାବା ମଠ ପକ୍ଷରୁ ଆୟୋଜନ କରାଯାଉଛି। ଯଦି ଏହି କୁମ୍ଭମେଳାକୁ ସରକାର ଦୃଷ୍ଟିକୁ ନେଇ ଏହାର ସୁବନ୍ଦୋବସ୍ତ ବ୍ୟବସ୍ଥା କରିପାରନ୍ତେ ତା'ହେଲେ ବହୁ ଆଦିମ କାଳର ଏହି ସାଧୁ ମହାକୁମ୍ଭମେଳା ଚିରସ୍ମରଣୀୟ ହୋଇ ବଞ୍ଚି ରହନ୍ତା ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଖଣ୍ଡଗିରି କୁମ୍ଭମେଳାକୁ ମାନ୍ୟତା ପ୍ରଦାନ ସହ ଏହାର ସମସ୍ତ ଖର୍ଚ୍ଚକୁ ବହନ କରି ସୁଚାରୁ ରୂପେ ପରିଚାଳିତ କରାଇଲେ ସାଧୁସନ୍ଥଙ୍କ ସାନିଧ୍ୟ ଲାଭ ହୋଇପାରିବେ ବୋଲି କହିଥିଲେ।



ମହାକୁମ୍ଭମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ସାଧୁସନ୍ଥମାନେ।

